ଧରିତ୍ରୀ
DHARITRI

November 11-17, 2018 ₹2/-

# ଛୁଟିଦିନ



୩ ପ୍ରଚ୍ଛଦ ପ୍ରସଙ୍ଗ

କଅଁଳ ବୟସରେ ଏମାନେ ଏମିତି ସବୁ କାମ କରି ଦେଖେଇଛନ୍ତି, ଯାହା ଦୁନିଆ ନଜରରେ ଅସମ୍ଭବ। କାରଣ ମା' ବାପାଙ୍କ ହାତଧରି ଚାଲିବା ବୟସରେ ସେମାନେ ପାଲଟିଛନ୍ତି ତାଙ୍କର ପରିଚୟ। ସେମିତି କେତେଜଣ ପ୍ରତିଭାଶାଳୀ ପିଲାଙ୍କ ସମ୍ପର୍କରେ....



# ଛୋଟ ମୁଣ୍ଡ ବଡ଼ କାମ





୧୩ ସହରରୁ ଦୂର

୮/୯ ସିନେମା



# କେମିତି କରିବେ ଟାଇମ୍ ମ୍ୟାନେଜମେଣ୍ଟ



**ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଆମକୁ କମ୍ ସମୟ ମଧ୍ୟରେ ବହୁତ କାମ କରିବାକୁ ପଡିଥାଏ। ତେବେ କିଭଳି ଭାବରେ ସମୟକୁ ସଦୁପଯୋଗ କରି ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ କରାଯାଇପାରିବ ସେ ସମ୍ପର୍କରେ....**

❖ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ହେଲେ ସର୍ବ ପ୍ରଥମେ ମଲ୍ଟି ଟାସ୍କିଙ୍ଗ ହେବା ଜରୁରୀ। ଦୈନନ୍ଦିନ କାର୍ଯ୍ୟ ମଧ୍ୟରେ ଏଭଳି ଅନେକ କାର୍ଯ୍ୟ ଅଛି ଯାହାକୁ ଆମେ ଏକ ସଙ୍ଗେ କରି ସମୟ ବଞ୍ଚେଇ ପାରିବା।

❖ପୂର୍ବ ଦିନ ରାତିରୁ ପରଦିନ କରିବାକୁ ଥିବା କାମର ଏକ ସାରଣୀ ପ୍ରସ୍ତୁତ କରି ରଖନ୍ତୁ। ଜରୁରୀ କାର୍ଯ୍ୟଗୁଡ଼ିକୁ ସାରଣୀର ପ୍ରଥମରେ ରଖନ୍ତୁ ଏବଂ ତଦନୁଯାୟୀ କାର୍ଯ୍ୟ କରନ୍ତୁ।

❖କାମ ଆରମ୍ଭ ଏବଂ ଶେଷ କରିବାର ସମୟ ଧାର୍ଯ୍ୟ କରନ୍ତୁ। ସେହି ସମୟ ଭିତରେ କାମଟିକୁ ଶେଷ କରିବାକୁ ଚେଷ୍ଟା କରନ୍ତୁ।

❖ସର୍ବଦା ନିଜ ଘଣ୍ଟାର ସମୟକୁ ୫ ବା ୧୦ ମିନିଟ ଆଗୁଆ ରଖନ୍ତୁ । ଏହାଦ୍ୱାରା ଆପଣ କାର୍ଯ୍ୟଟିକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିପାରିବେ ।

❖ଆଜିକାଲି ପ୍ରାୟ ସମସ୍ତଙ୍କୁ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବାର ଦେଖାଯାଉଛି। ଯାହାଦ୍ୱାରା ସମୟର ଅପବ୍ୟବହାର ହୋଇଥାଏ। ତେଣୁ ଯେତେ ସମ୍ଭବ ସୋସିଆଲ ମିଡିଆଠାରୁ ଦୂରେଇ ରୁହନ୍ତୁ।

❖ସମୟ ଅପଚୟ ହେଉଥିବା କାର୍ଯ୍ୟଗୁଡିକୁ ଚିହ୍ନଟ କରି ତାକୁ ଯଥାସମ୍ଭବ ଶୀଘ୍ର ସାରିବା ପାଇଁ ଚେଷ୍ଟା କରନ୍ତୁ।

❖ସବୁଠାରୁ ଜରୁରୀ ହେଉଛି ରାତିରେ ଶୀଘ୍ର ଶୁଅନ୍ତୁ ଏବଂ ସକାଳୁ ଶୀଘ୍ର ଉଠନ୍ତୁ ଫଳରେ ଆପଣଙ୍କୁ କାମ କରିବା ପାଇଁ ଦିନରେ ଅଧିକ ସମୟ ମିଳିପାରିବ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୧-୧୭, ୨୦୧୮

### ମେଷ
କାର୍ଯ୍ୟ ସମ୍ପନ୍ନ କରିବେ । ବନ୍ଧୁଙ୍କ ସହାନୁଭୂତି ମିଳିବ । ପଡ଼ୋଶୀଙ୍କ ଆଚରଣରେ ସନ୍ଦେହ । ଯାତ୍ରାରେ ସଫଳତା ପାଇବେ। କଳା,ସାହିତ୍ୟରେ ଉନ୍ନତି। ନିର୍ମାଣକାର୍ଯ୍ୟରେ ବାଧା । ପ୍ରଶାସନିକ ସଫଳତା । ବାଣିଜ୍ୟରୁ ଲାଭ ।

### ବୃଷ
ସ୍ୱାସ୍ଥ୍ୟ ଭଲ ରହିବ । ଅର୍ଥ ପ୍ରାପ୍ତି । କାମଗୁଡ଼ିକ ତ୍ୱରାନ୍ୱିତ ହେବ । ବନ୍ଧୁ ମିଳନ । ପରିଭ୍ରମଣର ସୁଯୋଗ ମିଳିବ। ମନୋରଞ୍ଜନ କାର୍ଯ୍ୟରେ ରୁଚି । ସହକର୍ମୀଙ୍କ ସୌହାର୍ଦ୍ଦ୍ୟ । ଦୂରଯାତ୍ରା କରିପାରନ୍ତି ।

### ମିଥୁନ
ଯାତ୍ରାରେ ସଫଳତା । ସମ୍ପର୍କୀୟଙ୍କ ବେଖାତିର। ଅବହେଳାରୁ ସୁଯୋଗହାନି। ପଡ଼ୋଶୀଙ୍କ ଅସହଯୋଗ । ତୀର୍ଥାଟନ ଚିନ୍ତା। ସ୍ଥିତିରେ ଆଂଶିକ ଉନ୍ନତି । ପଦମର୍ଯ୍ୟାଦା ବୃଦ୍ଧି।

### କର୍କଟ
ନୂତନ କର୍ମାରମ୍ଭ । ସୁବିଧାରେ କାମ ହାସଲ । ମିଳାମିଶାରୁ ସମାଧାନ । ଭୋଗ ବିଳାସ । ନୂଆ ସମ୍ପର୍କ ଯୋଡ଼ିବେ । ଆନୁଷ୍ଠାନିକ କର୍ମ, ସାମାଜିକ ସ୍ୱୀକୃତି । ଅନଟନ ଦୂର ହେବ । ବିବାଦୀୟ ସମସ୍ୟା ।

### ସିଂହ
ଚେଷ୍ଟା ସଫଳ । ଆର୍ଥିକ ଦୁରବସ୍ଥା । କର୍ମକ୍ଷେତ୍ରରେ ପ୍ରାଧାନ୍ୟତା । ଅପ୍ରିୟ ସତ୍ୟରୁ ସମସ୍ୟା । ପାରିବାରିକ ଉଦାସୀନତା । ଚୁକ୍ତିପତ୍ର ସମ୍ପାଦନା, ସାମ୍ବାଦିକତାରୁ ଗୌରବ । ପେଟ ଗୋଳମାଳରୁ ପୀଡ଼ା ।

### କନ୍ୟା
ଆଶା ପୂରଣ । ଅନୁକୂଳ ପରିବେଶ । ସମ୍ପର୍କ ହାନିର ଆଶଙ୍କା । ଯୋଜନାର ବାସ୍ତବତା । ବାଣିଜ୍ୟରେ କ୍ଷତି । ଦୂରସ୍ଥାନକୁ ଯାତ୍ରା । ବନ୍ଧୁଙ୍କ ଛଳନା । ଯାନ୍ତ୍ରିକ ଜିନିଷ କ୍ରୟ । ଏଜେନ୍ସିପ୍‌ରେ ଉନ୍ନତି ।

### ତୁଳା
ଉତ୍ସାହିତ ହେବେ । ବନ୍ଧୁଙ୍କ ସୁପରାମର୍ଶ । ଦୁଃସାଧ୍ୟ କାର୍ଯ୍ୟ ସାଧନ । କର୍ମ କ୍ଷେତ୍ରରେ କଳହ । କୂଟନୀତିରୁ ସଫଳତା । ପାରିବାରିକ ତିକ୍ତତା । ଭୂ-ସମ୍ପତ୍ତି ବିବାଦ। ଧର୍ମକାର୍ଯ୍ୟରେ ବ୍ୟସ୍ତତା । ପ୍ରତିପତି ବଢ଼ିବ । ରାଜକୃପାରୁ ସନ୍ତୋଷ ।

### ବିଛା
ନୂତନ କର୍ମାରମ୍ଭ । ବୀମାଧନ ପ୍ରାପ୍ତି । କାଉନ୍‌ସେଲିଂରେ ସଫଳତା । ଚୁକ୍ତିନାମାରେ ପରିବର୍ତ୍ତନ । ସହନଶୀଳତାରୁ ପ୍ରଶଂସା। ଶୁଭକାର୍ଯ୍ୟରେ ଯୋଗଦାନ । କୌଶଳପୂର୍ଣ୍ଣ କାର୍ଯ୍ୟରେ ସିଦ୍ଧି। ସନ୍ତାନ ହେତୁକ ଦୁଶ୍ଚିନ୍ତା ।

### ଧନୁ
କଠିନ ପରିଶ୍ରମ । ସ୍ୱାସ୍ଥ୍ୟ ଭଲ ରହି ନ ପାରେ । ବିବାଦଗ୍ରସ୍ତ ହୋଇପାରନ୍ତି। ରାଜକୀୟ ସମ୍ମାନ ପାଇବେ । ଟେନସନ କମିଯିବ। ମୂଲ୍ୟବାନ ଦ୍ରବ୍ୟ ଲାଭ । ଶୁଭ ଖବର ପାଇବେ । ଭୁଲ୍ ବୁଝାମଣାରୁ ଅଶାନ୍ତି । ପରିବହନରେ ପ୍ରତିବନ୍ଧକ ।

### ମକର
ସ୍ୱାସ୍ଥ୍ୟରେ ଉନ୍ନତି । କାମ ଠିକ୍ ଚାଲିବ । ପରିସ୍ଥିତିକୁ ସଜାଡ଼ି ନେବେ । ଉଚ୍ଚବର୍ଗଙ୍କ ଅନୁକମ୍ପା । ଗୋଷ୍ଠୀଗତ ସମର୍ଥନ । ରିସ୍କ ପଦକ୍ଷେପ ନେବେ । ବୃଥା ଭ୍ରମଣ । କମିଶନି ବେପାରରୁ ଲାଭ । ସ୍ଥାନାନ୍ତରର ଚିନ୍ତା ।

### କୁମ୍ଭ
ଭାବପ୍ରବଣତାରୁ ମୁଣ୍ଡବ୍ୟଥା । ହାକିମଙ୍କ ମତପାର୍ଥକ୍ୟ । କାମ ଖିଲାପରୁ କୈଫିୟତ୍ । ଉଦ୍ୟମ ସିଦ୍ଧିରେ ବିଳମ୍ବ । ବୃତ୍ତିଗତ ପ୍ରତିଷ୍ଠା । ପ୍ରତିଯୋଗିତାରେ ସଫଳତା । ଗୃହରେ ଅଶାନ୍ତି । ଏକ୍ସପୋର୍ଟ କାରବାର ବଢ଼ିବ । ଯୌଥ ବ୍ୟବସାୟରେ ଝଗଡ଼ା ।

### ମୀନ
ଫାଇଲ୍ କାମ ବୃଦ୍ଧି । କର୍ମ ନିଯୁକ୍ତିର ସୂଚନା । ଅଭିନୟ ଦକ୍ଷତାରୁ ପ୍ରଶଂସା । ଲାଭପ୍ରଦ ଭ୍ରମଣ । ଅନ୍ୟମନସ୍କତାରୁ ସମସ୍ୟା । ଖର୍ଚ୍ଚାନ୍ତ ହେବେ । ଭ୍ରାତୃ ସମ୍ପର୍କରେ ଉନ୍ନତି । ପ୍ରତିବନ୍ଧକ ଦୂରହେବ । ଧର୍ମକାର୍ଯ୍ୟରେ ସହଯୋଗ । ଯାତ୍ରା ସଫଳ ହେବ ।

# ୪୦୦ ସରୀସୃପଙ୍କୁ ରଖୁଛନ୍ତି ଘରେ



ଅନେକ ବ୍ୟକ୍ତିଙ୍କ ସଉକ ଥାଏ ଘରେ ଗୃହପାଳିତ ପ୍ରାଣୀ ରଖିବା ପାଇଁ। ତେବେ କୁକୁର, ବିଲେଇ, ଶୁଆ, ମାଛ ଆଦିକୁ ଗୃହପାଳିତ ପ୍ରାଣୀ ଭାବରେ ଆପଣମାନେ ଦେଖିଥିବେ। କିନ୍ତୁ ଫ୍ରାନ୍ସର ୬୪ ବର୍ଷୀୟ ଫିଲିପ ଗିଲେଟ ନାମକ ଜଣେ ବ୍ୟକ୍ତି ନିଜ ଘରେ ୪୦୦ ସରୀସୃପଙ୍କୁ ପୋଷାଜୀବ ଭାବେ ଲାଳନ ପାଳନ କରୁଛନ୍ତି। ତାଙ୍କ ଘରେ କୁକୁର ବିଲେଇ ବଦଳରେ ରହିଛନ୍ତି ସାପ ଏବଂ କୁମ୍ଭୀର ଭଳି ୪୦୦ଟି ମାରାତ୍ମକ ସରୀସୃପ। ଏହି ସରୀସୃପ ମଧ୍ୟରେ ଅଛନ୍ତି ରେଟେଲ ସ୍ନେକ, ଅଜଗର ସାପ, କୁମ୍ଭୀର, ଗୋଧି, କଇଁଛ, ବଡ ପ୍ରଜାତି ବୁଢିଆଣୀ ଭଳି ଭୟଙ୍କର ସରୀସୃପ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ସରୀସୃପମାନଙ୍କ ମଧ୍ୟରୁ କିଛି ତାଙ୍କ ଘରେ ମୁକ୍ତ ଭାବେ ବିଚରଣ କରିବାର ମଧ୍ୟ ଦେଖାଯାଏ। ୭ ଫୁଟ ଲମ୍ବ ବିଶିଷ୍ଟ ଅଲି ନାମକ କୁମ୍ଭୀରକୁ ସେ ନିଜ ଡାଇନିଙ୍ଗ ରୁମରେ ଖାଦ୍ୟ ପରିବେଷଣ ମଧ୍ୟ କରନ୍ତି। ତେବେ ସାଧାରଣ ଲୋକେ ଭୟ କରୁଥିବା ସରୀସୃପଙ୍କୁ ଗୃହପାଳିତ ପ୍ରାଣୀ ଭାବେ ପାଳନ କରି ଫିଲିପ ବେଶ୍ ଲୋକପ୍ରିୟତା ସାଉଁଟୁଛନ୍ତି।

# ପାଠକୀୟ

❖ଅସମ୍ଭବ କାମକୁ ସମ୍ଭବକରି ଦେଖାଇବାର କଳା ସମସ୍ତଙ୍କ ପାଖେ ନ ଥାଏ। ଯେଉଁମାନଙ୍କର ଇଚ୍ଛାଶକ୍ତି ଓ ମନୋବଳ ଦୃଢ଼, ସେମାନେ ହିଁ ଏହାକୁ କରିପାରନ୍ତି। ଅସମ୍ଭବ ମନେହେଉଥିବା କାମକୁ ବି ସେମାନେ ସମ୍ଭବ କରି ଦେଖାଇ, ଏ ସମାଜ ପାଇଁ ପାଲଟିଯାଆନ୍ତି ଉଦାହରଣ। ସେମିତି କେତେଜଣ ଉଦାହରଣ ସୃଷ୍ଟିକାରୀ ବ୍ୟକ୍ତିତ୍ୱଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନ କିଣିନେଲା। 'ରାଶି ଅନୁଯାୟୀ ବୃତ୍ତି' ଏବଂ 'ଫ୍ଲାଇଙ୍ଗ୍ ସ୍କୁଟର' ଆଦି ପାଠ ବି ଖୁବ୍ ଭଲ ଥିଲା।

*–ମାନିନୀ ପଟ୍ଟନାୟକ, ରାଉରକେଲା*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଅସମ୍ଭବ ହେଲା ସମ୍ଭବ' ସତରେ ଏକ ଶିକ୍ଷଣୀୟ ବିଷୟ ଥିଲା। 'ବୀରୁଷ୍କାଙ୍କ କାର୍ କଲେକ୍ସନ'ର ଫଟୋଗୁଡ଼ିକ ଦେଖିଲି, ବେଶ୍ ଆକର୍ଷଣୀୟ ଥିଲା ଏହି ପୃଷ୍ଠାଟି। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗିରିଶ କର୍ନାଡଙ୍କ ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଗୁଣ୍ଡୁଚି ବନାମ ଗିଲହରୀ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ବିନୋଦ ସାହୁ, ଡମପଡ଼ା, ବାଙ୍କୀ, କଟକ*

❖ସିନେମା ପୃଷ୍ଠାରେ ସ୍ଥାନିତ 'ନବାଗତ ରୋହନ', 'ଅକ୍ଷୟଙ୍କ ପ୍ରଶଂସାରେ ସୌମ୍ୟା', 'ସମ୍ବିତଙ୍କ କୃଷ୍ଣ ଅବତାର' ଆଦି ପାଠ ମୋ ମନ କିଣିନେଲା। କବି, ଗୀତିକାର, ସ୍ୱର ସଂଯୋଜକ ଦିବ୍ୟରଞ୍ଜନ ପ୍ରସାଦ ନନ୍ଦଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢ଼ିଲି, ମୋତେ ଖୁବ୍ ରୋମାଞ୍ଚିତ କରିଥିଲା ତାଙ୍କ ଲେଖାଟି। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ମନଛୁଆଁ ହୋଇପାରୁଛି।

*–ଆଦିତ୍ୟ ଭଟ୍ଟାଚାର୍ଯ୍ୟ, କୁଚିଣ୍ଡା, ସମ୍ବଲପୁର*

❖'ପାଇକ ଚିନ୍ତାରେ ସୁବାସ'ଙ୍କ ବ୍ୟକ୍ତିତ୍ୱ ଆଜିର ଯୁବପିଢ଼ିଙ୍କୁ ଅନେକ ପ୍ରେରଣା ଯୋଗାଇବ, ଏଥିରେ ସନ୍ଦେହ ନାହିଁ। ଲମ୍ବା ଚୁସ୍‌କିର ଫଟୋ ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ମଡେଲ ମିରର୍‌ରେ ସୌମ୍ୟଜିତ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସହର ପୃଷ୍ଠାରୁ କୋରିଗଡ଼ ଦୁର୍ଗ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ପାଇଲି।

*–ରାକେଶ ବରାଳ, ରାୟଗଡ଼ା*

❖ବୃଦ୍ଧ ଦମ୍ପତିଙ୍କ ଟାଟୁଭରା ଶରୀର ଏବଂ କାଫେ, ଯେଉଁଠି ପାଦ ତଳେ ଖେଳନ୍ତି ମାଛ ତଥା ଆଲୋକ ନିଃସୃତ ହେଉଥିବା ଚିତ୍ର ଆଦି ପାଠ ମୋ ମନ କିଣିନେଲା। ସେହିପରି ଯାତ୍ରା ସମ୍ପର୍କିତ ପାଠଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି।

*–ଦିଲୀପ ଦାସ, ଓଡ଼ିଶା ବେକେରି ଛକ, ପୁରୀ*

## ବିଶେଷ ଚିଠି



ପତ୍ରିକା ମଧ୍ୟେ 'ଛୁଟିଦିନ' ରାଜା
ରବିବାର ହେଲେ ପଡ଼ଇ ଖୋଜା।
କେତେ ତାଜା, କେତେ ମଜା ଖବରରେ
ତା' ପୃଷ୍ଠା ଭରି ରହିଥାଏ,
ସିଏ ଏକା ଜାଣଇ
ଯିଏ ତା'ର ପ୍ରିୟ ପାଠକ ହୋଇଥାଏ।
ଗଳ୍ପ, କବିତା, ସୃଜନ ସାଥୀ
ଝରୁଥାଏ ଅନେକ ପ୍ରୀତି।
ପାଠକୀୟ ବିଶେଷ ଚିଠି
ଉଦାହରଣ ତା'ର ଖୁସିଟି।

–ଗୋବିନ୍ଦ ଚନ୍ଦ୍ର ହାଁସଦା, ବଡ଼ ନାଲୁଆ, ବିଶୋଇ, ମୟୂରଭଞ୍ଜ

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଛୋଟ ମୁଣ୍ଡ ବଡ଼ କାମ



ନେହା କକ୍କରଙ୍କ ସହ ସତ୍ୟଜିତ୍

**ବୟସ ଧୂଳିଖେଳର। ହେଲେ ଧୂଳିଖେଳରେ ନାହିଁ ସେମାନଙ୍କ ମନ। ଆକାଶକୁ ହାତ ବଢ଼ାଉଛନ୍ତି। ଉଡ଼ିବାକୁ ଚେଷ୍ଟା କରୁଛନ୍ତି। ବହୁ ଚେଷ୍ଟାକରି ଉଡ଼ିବାକୁ ସକ୍ଷମ ବି ହୋଇଛନ୍ତି। ଆଉ କଅଁଳ ବୟସରେ ଏମିତି ସବୁ କାମ କରି ଦେଖେଇଛନ୍ତି, ଯାହା ଦୁନିଆ ନଜରରେ ଅସମ୍ଭବ। ତା'ସହ ହାତଧରି ଚାଲିବା ବୟସରେ ସେମାନେ ପାଲଟିଛନ୍ତି ମା'ବାପାଙ୍କର ପରିଚୟ। ସେମିତି କେତେଜଣ ପ୍ରତିଭାଶାଳୀ ପିଲାଙ୍କ ସମ୍ପର୍କରେ....**

**ଆୟୁଷୀଙ୍କ କବିତା ପାଇଲା ଅନ୍ତର୍ଜାତୀୟ ମାନ୍ୟତା:** ପ୍ରଥମ ବିଶ୍ୱଯୁଦ୍ଧର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଇଂଲଣ୍ଡର 'ନେଭର ସଚ୍ ଇନୋସେନ୍ସ' ସୋସାଇଟି ପକ୍ଷରୁ ୩ଟି ବର୍ଗରେ ଆନ୍ତର୍ଜାତିକ ସ୍ତରର ଇଣ୍ଟରନେଟ୍ ଯୋଗେ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ସମ୍ମାନଜନକ ପ୍ରତିଯୋଗିତାରେ ୧୧ରୁ ୧୪ ବର୍ଷ ବର୍ଗରେ ଭାଗ ନେଇଥିଲେ ଏସିଆ ମହାଦେଶସ୍ଥ ବହୁ ଦେଶର ଅନେକ ପ୍ରତିଯୋଗୀ। ହେଲେ ବଲାଙ୍ଗୀର ଜିଲାର ଅଷ୍ଟମ ଶ୍ରେଣୀରେ ପଢୁଥିବା ଆୟୁଷୀ ନନ୍ଦଙ୍କ କବିତା ଶ୍ରେଷ୍ଠ ଦଶ କବିତା ମଧ୍ୟରେ ପାଇଥିଲା ଷଷ୍ଠ ସ୍ଥାନ। ଭାରତର ଏକମାତ୍ର ଛାତ୍ରୀ ଭାବେ ସେ ଏହି ସମ୍ମାନର ଅଧିକାରୀ ହେଲେ। ଆଉ ନିଜ ଜିଲା, ରାଜ୍ୟ ସହ ସାରା ଭାରତକୁ ଗର୍ବାନ୍ୱିତ କରାଇଲେ। ତାଙ୍କ ପାଇଁ ଏବେ ମା'ବାପା ବେଶ୍ ଗର୍ବିତ। ଆୟୁଷୀଙ୍କ ବାପା ପ୍ରଶାନ୍ତ ନନ୍ଦ ଅରୁଣାଚଳ ପ୍ରଦେଶରେ ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟରତ ଥିବାବେଳେ ମା' ସୁପ୍ରଭା ଜଣେ ଶିକ୍ଷୟିତ୍ରୀ। ଘର ତାଙ୍କର ବଲାଙ୍ଗୀର କଲେଜ ଛକରେ। ଲିଟିଲ ଫ୍ଲାୱାର ସ୍କୁଲରେ ଆୟୁଷୀ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ପିଲାଟିବେଳୁ କବିତା ଲେଖିବାରେ ତାଙ୍କର ଥିଲା ରୁଚି। ସ୍କୁଲରେ ସେ ଚିତ୍ରକଳା, କବିତା ଲିଖନ ଓ ଅନ୍ୟ ପ୍ରତିଯୋଗିତାରେ ଭାଗନେଇ ବେଶ୍ ସଫଳତା ପାଇଛନ୍ତି। ତା'ସହ ୨୦୧୭ ମସିହାରେ ଲିଟିଲ ଫ୍ଲାୱାର ସ୍କୁଲର ରାଜ୍ୟସ୍ତରୀୟ ପ୍ରତିଯୋଗିତାର କବିତା ଲିଖନ ବିଭାଗରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତେବେ ଗତ ମାର୍ଚ୍ଚ ମାସରେ ଯେବେ ସେ ଏକ ଖବରକାଗଜ ପୃଷ୍ଠାରେ ଇଂଲଣ୍ଡର 'ନେଭର ସଚ୍ ଇନୋସେନ୍ସ' ସୋସାଇଟିର ଆନ୍ତର୍ଜାତିକସ୍ତରୀୟ କବିତା ଲିଖନ ପ୍ରତିଯୋଗିତା ହେଉଥିବା ସମ୍ପର୍କରେ ଜାଣିଲେ, ସେଥିରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ । ଆଉ ଉକ୍ତ ଆନ୍ତର୍ଜାତିକ କବିତା ଲିଖନ ପ୍ରତିଯୋଗିତାରେ ଇଣ୍ଟରନେଟ୍ ଯୋଗେ ଭାଗନେଲେ । ୧୬ଟି ରାଉଣ୍ଡରେ ଆୟୁଷୀଙ୍କ ଲିଖିତ 'ହିଜ୍ ଲାଷ୍ଟ ଟ୍ରିବ୍ୟୁଟ୍' ନାମକ ହୃଦୟସ୍ପର୍ଶୀ କବିତା ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଷଷ୍ଠ ସ୍ଥାନ ଅଧିକାର କଲା । ଏହି ପ୍ରତିଯୋଗିତାରେ ଭାରତରୁ ବହୁ ପ୍ରତିଯୋଗୀ ଭାଗ ନେଇଥିଲେ ମଧ୍ୟ ଏକମାତ୍ର ଭାରତୀୟ ଛାତ୍ରୀ ଭାବେ ଆୟୁଷୀ ଏହି ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କଲେ । ପୁରସ୍କାର ବାବଦକୁ ଆୟୁଷୀଙ୍କୁ ୫୦ ୟୁରୋ, ୫୦୦ ପାଉଣ୍ଡର ଆମାଜନ୍ ଗିଫ୍ଟ କାର୍ଡ, ବ୍ରିଟିଶ ରୟାଲ ଏୟାରଫୋର୍ସର ସଦସ୍ୟତା, ବକିଂହାମ ପ୍ୟାଲେସ ପରିଦର୍ଶନ ସୁଯୋଗ ସହ ପ୍ରଖ୍ୟାତ ଲେଖକ ରସ୍କିନ୍ ବଣ୍ଡ, ଜେ.କେ. ରାଉଲିଙ୍ଗ ଓ ସୁଧା ମୂର୍ତ୍ତିଙ୍କ ଅଟୋଗ୍ରାଫ ସମ୍ବଳିତ ମନପସନ୍ଦ ପୁସ୍ତକ ପ୍ରଦାନ କରାଯାଇଛି । ଏବେ ଆୟୁଷୀ ନିଜ ପଢ଼ା ଉପରେ ଧ୍ୟାନ ଦେବା ସହ ଏକ ଉପନ୍ୟାସ ଲେଖିବାରେ ବ୍ୟସ୍ତ ଅଛନ୍ତି ।

**ସିଙ୍ଗିଙ୍ଗ୍ ସନସେସନ୍ ସତ୍ୟଜିତ୍:** କେନ୍ଦୁଝର ଜିଲାର ଖଡିକାଶୂଳବାହାଲି ଗାଁର ସତ୍ୟଜିତ ଜେନା ଦିନେ ଜିଟିଭିର ସାରେଗାମାପା ଲିଟିଲ ଚ୍ୟାମ୍ପରେ ଧୁମ୍ ମଚେଇଥିଲେ। ସାରା ଦେଶରେ ତାଙ୍କର ହୋଇଯାଇଥିଲେ ଅଗଣିତ ପ୍ରଶଂସକ। ବାରମ୍ବାର ସେ ଭୋଟିଂରେ ପାଉଥିଲେ ପ୍ରଥମ ସ୍ଥାନ। ଜଜ୍‌ମାନଙ୍କର ବି ଥିଲେ ସେ ଖୁବ୍ ପ୍ରିୟ। ସଫଳତା ଥିଲା ତାଙ୍କ ହାତପାଆନ୍ତାରେ। ଶ୍ରେଷ୍ଠ ସାତଜଣଙ୍କ ଭିତରେ ଥିଲେ ସତ୍ୟଜିତ। ହେଲେ ଶେଷ ମୁହୂର୍ତ୍ତରେ ଏକ ନିଷ୍ପତ୍ତି ଭାଙ୍ଗି ଦେଇଥିଲା ତାଙ୍କର ଅନେକ ଫ୍ୟାନ୍‌ଙ୍କ ହୃଦୟକୁ। ଅସୁସ୍ଥତା ଆଉ ସ୍ୱରତନ୍ତ୍ରରେ ପରିବର୍ତ୍ତନ ସହ ତା' ଉପରେ ଚାପ ଯୋଗୁ ଓହରି ଯାଇଥିଲେ ପ୍ରତିଯୋଗିତାରୁ। ହେଲେ ଏବେ ବି ସେ ସମସ୍ତଙ୍କ ହୃଦୟରେ ରହିଛନ୍ତି ।

ବର୍ତ୍ତମାନ ସେ ଘଷିପୁରା ବ୍ଲକ ରାମଚନ୍ଦ୍ରପୁରର ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତା'ସହ ନିଜର ୟୁଟ୍ୟୁବ୍ ଚ୍ୟାନେଲରେ ଜଲ୍‌ବା ଦେଖାଇ କୋଟି କୋଟି ଶ୍ରୋତାଙ୍କୁ ବାନ୍ଧି ରଖିଛନ୍ତି । ପାଖାପାଖି ୭୦ଟି ଗୀତ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିସାରିଲେଣି। ନୂଆ ନୂଆ ସଂଗୀତର ଭିଡିଓ ପ୍ରସ୍ତୁତ କରି ଅପଲୋଡ କରୁଛନ୍ତି । ଏବେ ତାଙ୍କର ୨ ମିଲିୟନ ସବସ୍କ୍ରାଇବର ହୋଇ ସାରିଲେଣି। ସୋସିଆଲ ମିଡିଆରେ ବି ଛାଇ ରହୁଛି ତାଙ୍କର ଗୀତ ଓ ଭିଡିଓ। ଏହାବ୍ୟତୀତ ସେ ଏକ ବଲିଉଡ ସିନେମାରେ ଗୀତ ଗାଇଥିବାବେଳେ ଏକ ଓଡିଆ ସିନେମା ରିଲିଜ ଅପେକ୍ଷାରେ ରହିଛି ।



ପି.ଶୁଭଙ୍କର




ତୃପ୍ତରାଜ

ବାପା ଗୁମାନ ଚରଣ ଜେନା ଓ ମା' ଅମଳୀ ଜେନାଙ୍କ ପୁଅ ସତ୍ୟଜିତ୍‌ଙ୍କର ପିଲାଦିନରୁ ସଂଗୀତ ପ୍ରତି ଆକର୍ଷଣ ଥିଲା । ବାପା ଗୁମାନଙ୍କର ଥିଲା 'ଶୁଭଲକ୍ଷ୍ମୀ ମ୍ୟୁଜିକାଲ' ନାମକ ଏକ ଛୋଟିଆ ମେଲୋଡି ପାର୍ଟି। ସେମାନେ ବିଭିନ୍ନ ସ୍ଥାନରେ ସଂଗୀତ କାର୍ଯ୍ୟକ୍ରମ କରୁଥିଲେ । ସତ୍ୟଜିତ୍ କହନ୍ତି, 'ମୁଁ ଛୋଟବେଳୁ ସଙ୍ଗୀତମୟ ପରିବେଶରେ ବଢ଼ିଛି। ମୋ ଭଉଣୀ ଶୁଭଶ୍ରୀ ଆମ ମେଲୋଡି ପାର୍ଟିରେ ଗୀତ ଗାଉଥିଲା। ବିଭିନ୍ନ ରାଜ୍ୟ ତଥା ଦେଶ ସ୍ତରରେ ଘରୋଇ ଟିଭି ଚ୍ୟାନେଲର ରିଅଲିଟି ଶୋ'ରେ ଗୀତ ଗାଇ ସୁନାମ ଅର୍ଜନ କରୁଥିଲା। ତାକୁ ଦେଖି ମୋର ବି ଗୀତ ଗାଇବାକୁ ଇଚ୍ଛା ହେଉଥିଲା। ଆଉ ଏହି ଇଚ୍ଛା ସମ୍ପର୍କରେ ବାପା ଜାଣିପାରିଥିଲେ। ଆଉ ମତେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଦେଲେ। ବାପାଙ୍କ ସହିତ ମୁଁ ବି ବିଭିନ୍ନ ସ୍ଥାନରେ ସଂଗୀତ କାର୍ଯ୍ୟକ୍ରମରେ ସାମିଲ ହୋଇ ଗୀତ ଗାଇଲି। ଆଉ ପ୍ରଶଂସା ବି ପାଇଲି। ସାର୍ଥକ ଟିଭିରେ ପ୍ରଦର୍ଶିତ ସାରେଗାମାପାରେ ଗୀତ ଗାଇ ଦ୍ୱିତୀୟ ସ୍ଥାନ ପାଇଥିଲି। ପରେ ମୁଁ ଜିଟିଭିର ସାରେଗାମାପା ଲିଟିଲ ଚ୍ୟାମ୍ପରେ ଅଂଶଗ୍ରହଣ କଲି। ଅନେକ ସଫଳତା ବି ପାଇଲି। ହେଲେ ଦୁର୍ଭାଗ୍ୟବଶତଃ ସ୍ୱରତନ୍ତ୍ରୀ ବଦଳିବା ସହ ଚାପ ପଡିବାରୁ ମତେ ସେଥିରୁ ଓହରିବାକୁ ପଡିଲା। ଫେରିଲା ପରେ ସ୍କୁଲରେ ସାଙ୍ଗମାନେ ମତେ ବହୁତ ସ୍ୱାଗତ କଲେ। ବହୁତ ଖୁସି ଲାଗିଥିଲା। ସେହିପରି ଜିଲା ତଥା ବାହାରର ବିଭିନ୍ନ ସ୍ଥାନରୁ ମିଳୁଥିବା ସ୍ନେହ ଓ ସମ୍ବର୍ଦ୍ଧନା ମତେ ଅଧିକ ଉତ୍ସାହିତ କରିଛି। ବାପା ସବୁବେଳେ ମତେ ଗୀତ ସହ ପଢ଼ା ପ୍ରତି ଧ୍ୟାନ ଦେବାକୁ କହନ୍ତି। ତେଣୁ ଏବେ ସଂଗୀତ ସହ ପଢ଼ାକୁ ବି ଗୁରୁତ୍ୱ ଦେଉଛି। ଆଗକୁ ଜଣେ ଭଲ ସିଙ୍ଗର ହେବାକୁ ଲକ୍ଷ୍ୟ ରଖିଛି।'

**ବିସ୍ମୟ ବାଳକ ବିଶ୍ୱଜିତ୍:** ବୟସ ମାତ୍ର ୪ ବର୍ଷ। ହେଲେ ସେ ଅଟନ୍ତି ପ୍ରଚଣ୍ଡ ଧିଶକ୍ତିର ଅଧିକାରୀ। ପାଟିରୁ ଅନର୍ଗଳ ବାହାରିଯାଏ ଦେଶ ଓ ରାଜ୍ୟ ସମ୍ପର୍କିତ ଅନେକ କଠିନରୁ କଠିନ ପ୍ରଶ୍ନର ଉତ୍ତର। ସେଥିପାଇଁ ଏବେ ସେହି କୁନି ପିଲାଟିକୁ ସମସ୍ତେ ଡାକୁଛନ୍ତି ବିସ୍ମୟ ବାଳକ ବୋଲି। ନାଁ ତା'ର ବିଶ୍ୱଜିତ୍ ଆରୁକ। ସ୍ନେହରେ ସମସ୍ତେ ଡାକନ୍ତି କାହ୍ନା। ଘର କଟକ ଜିଲା ନରସିଂହପୁର ବ୍ଲକର ନୂଆ ରଣସିଂହପୁର ଗ୍ରାମରେ। ୨୦୧୪ରେ ଜନ୍ମ ହୋଇଥିବା ବିଶ୍ୱଜିତ୍‌ଙ୍କ ବାପା ବିଜୟ କୁମାର ଆରୁକ ଜଣେ ଗରିବ ମଜୁରିଆ ହୋଇଥିବାବେଳେ ମା' ତପସ୍ୱିନୀ ଜଣେ ଗୃହିଣୀ। ୩ ବର୍ଷ ବୟସରେ ବିଶ୍ୱଜିତ ଯେତେବେଳେ ଗାଁ ଅଙ୍ଗନୱାଡି କେନ୍ଦ୍ରକୁ ଗଲେ, ଜଣାପଡିଲା ତାଙ୍କ ମଧ୍ୟରେ ଥିବା ପ୍ରଚଣ୍ଡ ଧିଶକ୍ତି କଥା। ଘରେ ବି ମା'ବାପା ଯାହା ଥରେ କହୁଥିଲେ ବିଶ୍ୱଜିତ୍‌ଙ୍କର ସବୁ ମନେ ରହିଯାଉଥିଲା। ପିଲାଟିର ଏଭଳି ସ୍ମରଣଶକ୍ତି ସମ୍ପର୍କରେ ଜାଣିବା ପରେ ବାପା ବିଜୟ ତାକୁ ପ୍ରଥମେ ଗାଁ, ବ୍ଲକ୍, ଜିଲା, ରାଜ୍ୟ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଭଳି ବିଭିନ୍ନ ସରଳ ପ୍ରଶ୍ନ ଓ ତା'ର ଉତ୍ତର ଶିଖାଇଲେ। ତାକୁ ସେ ମନେ ରଖିଦେବାରୁ ସାଧାରଣ ଜ୍ଞାନ ବହି ଆଣି ଦେଶର ଆହୁରି ଅନେକ ପ୍ରଶ୍ନ ଓ ତା'ର ଉତ୍ତର ଶିଖାଇଲେ। ଏବେ ସେ ମାତ୍ର ୩୦ ମିନିଟ୍ ମଧ୍ୟରେ ୬୫୦ଟି ସରଳ ଓ ଜଟିଳ ପ୍ରଶ୍ନର ଉତ୍ତର କୁନି ପାଟିରେ ସ୍ପଷ୍ଟ ଉଚ୍ଚାରଣ ସହ କହିପାରୁଛନ୍ତି। ସେଥିମଧ୍ୟରୁ ୩୫ଟି ଦେଶର ରାଜଧାନୀ, ୨୯ଟି ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟର ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ନାମ କହିପାରୁଛନ୍ତି। ଇଂଲିଶ ଜାଣି ନ ଥାଇ ବି ଏହି ୪ ବର୍ଷର ବିସ୍ମୟ ବାଳକ ଆଇପିଏସ୍, ଆଇଏଏସ୍, ଓଏଏସ୍, ଓପିଏସ୍, ଆଇଏଫ୍ଏସ୍, ଓଏଫ୍ଏସ୍ ଭଳି ପଦବୀଗୁଡିକର ଇଂଲିଶର ଫୁଲ୍‌ଫର୍ମ ଜାଣିଛନ୍ତି। ସ୍ଥଳସେନା, ବାୟୁସେନା ଓ ବିଭିନ୍ନ ବିଭାଗର ମୁଖ୍ୟ ପଦବୀ ଓ ଅଧିକାରୀଙ୍କ ନାମ ବି ମନେ ରଖିଛନ୍ତି। ବିଶ୍ୱଜିତ୍‌ଙ୍କର ଏହି ଅସାଧାରଣ ଧିଶକ୍ତି ସମ୍ପର୍କରେ ପ୍ରଥମେ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆରେ ପ୍ରସାର ହେଲା। ପରେ ୨୦୧୮ ମସିହାରେ ନରସିଂହପୁର ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ବିଶ୍ୱଜିତ୍‌ଙ୍କୁ ଶିଶୁ ପ୍ରତିଭା ପୁରସ୍କାର ପ୍ରଦାନ କରାଗଲା। ଦିଲ୍ଲୀସ୍ଥିତ ଗୁରୁଗାଓଁରେ ଥିବା ସ୍ୱେଚ୍ଛାସେବୀ ସଙ୍ଗଠନ 'କଳିଙ୍ଗ ଭାରତୀ ଫାଉଣ୍ଡେଶନ' ତରଫରୁ ୨୦୧୮ ରଜ ଅବସରରେ ବିଶ୍ୱଜିତ୍‌ଙ୍କୁ ଦିଲ୍ଲୀଠାରେ 'କଳିଙ୍ଗ ଭାରତୀ ପ୍ରତିଭା' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ଅକ୍ଟୋବର ୨୯ ତାରିଖରେ କଟକ ଜିଲା ଜିଲାପାଳ ଅରବିନ୍ଦ ଅଗ୍ରୱାଲ ନରସିଂହପୁରକୁ ଜନଶୁଣାଣି କାର୍ଯ୍ୟକ୍ରମରେ ଆସିଥିବାବେଳେ ବିଶ୍ୱଜିତ୍‌ଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପୁଅର ଏଭଳି ଜ୍ଞାନ ପାଇଁ ମା'ବାପା ବହୁତ ଖୁସି ହୁଅନ୍ତି ଓ ଅନେକ ସ୍ୱପ୍ନ ବି ଦେଖନ୍ତି। ହେଲେ ମୂଳ ମଜୁରି ଲାଗି ବହୁକଷ୍ଟରେ ଘର ଚଳାଉଥିବା ବାପା ବିଜୟ କୁମାର ଏହି ସ୍ୱପ୍ନକୁ କିଭଳି ପୂରଣ କରିବେ ବେଳେବେଳେ ତାହା ତାଙ୍କ ପାଇଁ ପ୍ରଶ୍ନବାଚୀ ହୋଇ ଠିଆ ହୁଏ।



ଆୟୁଷୀ





ପରୀ



ବିଶ୍ୱଜିତ୍


**ମାଷ୍ଟର ତୃପ୍ତରାଜ ପାଣ୍ଡ୍ୟା:** ମୁମ୍ବାଇ, ମୁଲୁନ୍ଦର ତୃପ୍ତରାଜ ପାଣ୍ଡ୍ୟା। ମାତ୍ର ଦେଢ଼ବର୍ଷର ହୋଇଥିବାବେଳେ ସେ ତବଲାରେ ଖେଳିବା ଆରମ୍ଭ କରିଥିଲେ। ଆଉ ଦୁଇ ବର୍ଷ ବୟସ ବେଳକୁ ସର୍ବପ୍ରଥମେ ମୁମ୍ବାଇର ସୌମ୍ୟା କଲେଜରେ ସେ ଦେଇଥିଲେ ପ୍ରଥମ ପବ୍ଲିକ୍ ପରଫର୍ମାନ୍ସ। ତିନିବର୍ଷ ବେଳକୁ ଅଲ୍ ଇଣ୍ଡିଆ ରେଡିଓରେ ସିଧା ପ୍ରସାରଣରେ ତବଲା ବଜାଇଥିଲେ ଓ ଦୂରଦର୍ଶନ ପାଇଁ ସେ ୪ ବର୍ଷ ବୟସରେ ତବଲା ବଜାଇଲେ। ଆଉ ୬ ବର୍ଷ ବୟସ ବେଳକୁ ସର୍ବକନିଷ୍ଠ ତବଲା ବାଦକ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। ଅତୁଲ ଓ ବୀଣା ପାଣ୍ଡ୍ୟାଙ୍କର ସେ ହେଉଛନ୍ତି ଏକମାତ୍ର ସନ୍ତାନ। ଜନ୍ମରୁ ତାଙ୍କର ସୁର, ଲୟ, ତାଳରେ ଥିଲା ଜ୍ଞାନ। ଛୋଟବେଳୁ ତୃପ୍ତରାଜ ଖେଳଣା ଅପେକ୍ଷା ଢୋଲକି ବଜାଇବାକୁ ପସନ୍ଦ କରୁଥିଲେ। ଦେଢ଼ବର୍ଷ ବୟସରେ ସେ ଯେତେବେଳେ ପ୍ରଥମ କରି ଢୋଲକି ବଜାଇଲେ ତାହା ଏତେ ସୁରରେ ଥିଲା ଯେ, ତାଙ୍କ ମା' ଖୁସିରେ କାନ୍ଦି ପକାଇଥିଲେ। ଆଉ ପରେ ଯେବେ ବି ଜେଜେମା' ଶାସ୍ତ୍ରୀୟ ସଙ୍ଗୀତ ଗାଉଥିଲେ ସେତେବେଳେ ଆଲୁମିନିୟମ୍ ଡବାରେ ତୃପ୍ତରାଜ ବାଜା ବଜାଉଥିଲେ। ସେବେଠୁ ସେମାନେ ଜାଣିପାରିଥିଲେ ତୃପ୍ତରାଜ ଭିତରେ ଥିବା ପ୍ରତିଭାକୁ। ଆଉ ତାଙ୍କୁ ସେଇ ଦିଗରେ ଆଗେଇ ନେବାକୁ ନିଷ୍ପତ୍ତି ନେଲେ। ଆଉ ତବଲା ବାଦନ ଶିଖାଇଲେ। ଆଉ ସେ ଏତେ ଶୀଘ୍ର ସବୁ ଶିଖୁଥିଲେ ଯେ, ମାତ୍ର ତିନିବର୍ଷ ବୟସରେ ଅଲ୍ ଇଣ୍ଡିଆ ରେଡିଓରେ ପରଫର୍ମ କରି ସମ୍ମାନଜନକ 'ବାଲ କଳା ରତ୍ନ' ପାଇଲେ। ସେହି ସମୟରେ ତାଙ୍କ ହାତ ଭଲ ଭାବେ ତବଲାକୁ ବି ପାଉ ନ ଥିଲା। ସେଥିପାଇଁ ଦୁଇଟି ଗଦି ପକାଇ ବସାଯାଉଥିଲା। ପରେ ସେ ଅନେକ ସ୍ଥାନରେ ପରଫର୍ମ କରିଛନ୍ତି। ଏମିତି କି ୨୦୧୨ରେ ଥାନେର ଷ୍ଟାଡିୟମ୍‌ରେ ବି ପ୍ରଦର୍ଶନ କରିଥିଲେ। ତେଣୁ ତାଙ୍କ ବାପା ଚାହିଁଲେ ତୃପ୍ତରାଜଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରିବା ପାଇଁ। ଆଉ ମାତ୍ର ୬ ବର୍ଷ ବୟସରେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ବି ପାଇଲେ। ସଙ୍ଗୀତ ଜଗତରେ ତୃପ୍ତରାଜଙ୍କୁ ସମସ୍ତେ ଭଲ ପାଆନ୍ତି। ଏମିତି କି ଉସ୍ତାଦ ଜାକିର ହୁସେନ୍, ପଣ୍ଡିତ ହରି ପ୍ରସାଦ ଚୌରାସିଆ ଏବଂ ଉସ୍ତାଦ ଇକ୍‌ବାଲ ଅହମ୍ମଦ ଖାଁ ତାଙ୍କୁ ଆଶୀର୍ବାଦ ଦେବା ସହ ତୃପ୍ତରାଜଙ୍କ ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରୁଛନ୍ତି।

**ଚେସ୍‌ରାଣୀ ପରୀ:** ୨୦୧୦, ଜାନୁୟାରୀ ୨୯ରେ ବିହାରର ପାଟଣାରେ ପରୀ ସିହ୍ନାଙ୍କର ଜନ୍ମ। ମାତ୍ର ୩ ବର୍ଷ ଦୁଇ ମାସ ବୟସରେ ଏଇ କୁନି ଝିଅଟି ସାରା ଚେସ୍ ଜଗତରେ ଚହଳ ପକାଇ ଦେଇଥିଲା। ୨୦୧୩, ୧୬ ଏପ୍ରିଲରେ ସର୍ବକନିଷ୍ଠ ଚେସ୍ ଖେଳାଳି ଭାବେ ବିହାର ରାଜ୍ୟର ଅଣ୍ଡର-୭ ବାଳିକା ଚେସ୍ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରିଥିଲେ। ଆଉ ସେହି ଟୁର୍ନାମେଣ୍ଟରେ ବିପକ୍ଷରେ ଥିବା ଦୁଇଗୁଣା ବୟସର ପ୍ରତିଯୋଗୀଙ୍କୁ ଚେକ୍‌ମେଟ୍ କରି ହରାଇଥିଲେ। ଫଳରେ ଅଲ୍ ବିହାର ଚେସ୍ ଆସୋସିଏଶନର କର୍ତ୍ତୃପକ୍ଷ ଏହାକୁ ଅଫିସିଆଲ୍ ଚେସ୍ ଟୁର୍ନାମେଣ୍ଟରେ ଏକ ରେକର୍ଡ ଭାବେ ସ୍ୱୀକୃତି ଦେଲେ। ପରୀଙ୍କ ବାପା ବି ଜଣେ ରାଜ୍ୟସ୍ତରୀୟ ଚେସ୍ ଖେଳାଳି। ତେବେ ପରୀ ପ୍ରାରମ୍ଭିକ ଚେସ୍ ଶିକ୍ଷା ଦାଦା ତଥା ଜାତୀୟସ୍ତରୀୟ ଚେସ୍ ଖେଳାଳି ବେଦ ପ୍ରକାଶ ସିହ୍ନାଙ୍କଠାରୁ ପାଇଛନ୍ତି। ଏବେ ପରୀଙ୍କୁ ୮ ବର୍ଷ ବୟସ। ଆଗକୁ ସେ ୱାର୍ଲ୍ଡ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ପରି ଖେଳିବାକୁ ଇଚ୍ଛା ରଖନ୍ତି।

**ଗିନିଜ୍ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ ଶୁଭଙ୍କର:** ରୋଲବଲ୍ ଓ ସ୍କେଟିଂ ଏକ ଦୁଃସାହସିକ କ୍ରୀଡ଼ା। ଏହି ଖେଳରେ ଓଡ଼ିଶାରେ ନାହିଁ ବିଶେଷ ସୁବିଧା। ହେଲେ ଭଦ୍ରକର ପି. ଶୁଭଙ୍କର ଖୁଲାର ନିଜସ୍ୱ ଉଦ୍ୟମରେ ଏବେ ଏହି ଖେଳରେ ରେକର୍ଡ କରିବାକୁ ଯାଉଛନ୍ତି। ଅର୍ଥାତ୍ ଖୁବ୍‌ଶୀଘ୍ର ତାଙ୍କ ନାଁରେ ହୋଇପାରେ ଗିନିଜ ୱାର୍ଲ୍ଡ ବୁକ୍ ରେକର୍ଡ। ଭଦ୍ରକ ସାମୁରାଇପୁର ଅଞ୍ଚଳର ପବିତ୍ର ମୋହନ ଖୁଲାର ଓ ମା' ଚୈତାଳି ଖୁଲାରଙ୍କ ଏକମାତ୍ର ପୁଅ ଶୁଭଙ୍କର। ବୟସ ୧୨ ବର୍ଷ। ତେବେ ବୟସ ତୁଳନାରେ ସେ ବେଶ୍ ସଫଳତାର ଶିଡ଼ି ଚଢ଼ିସାରିଲେଣି। ଦୁଃସାହସିକ କ୍ରୀଡ଼ା ସ୍କେଟିଂ ଓ ରୋଲବଲ କ୍ଷେତ୍ରରେ ସେ ରାଜ୍ୟସ୍ତରରୁ ଆରମ୍ଭ କରି ଅନ୍ତର୍ଜାତୀୟସ୍ତରରେ ପଦକ ହାସଲ କରି ବେଶ୍ ନାଁ କରିସାରିଲେଣି। ନିକଟରେ କର୍ଣ୍ଣାଟକ ଅନ୍ତର୍ଜାତୀୟ ରୋଲବଲ୍ ମହାସଂଘ ତରଫରୁ କର୍ଣ୍ଣାଟକର ବେଲ୍‌ଗାଓଁଠାରେ ମେ'୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସମୂହ ସ୍କେଟିଂରେ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିବାକୁ ଉଦ୍ୟମ କରିଥିଲେ। ଏହି ୪ ଦିନିଆ କାର୍ଯ୍ୟକ୍ରମରେ ୪୦୦ ଜଣ ସ୍କେଟର ଅବିରତ ଓ ୨୪ ଘଣ୍ଟା ଧରି ସ୍କେଟିଂ କରିଥିଲେ। ଏହି ଅଭିନବ ପ୍ରୟାସରେ ଶୁଭଙ୍କରଙ୍କ ସମେତ ଓଡିଶାରୁ ୧୨ ଜଣ ସ୍କେଟର ଯୋଗଦେଇଥିଲେ। ଅପରପକ୍ଷରେ ଏଥିପାଇଁ ସେ ଓ ତାଙ୍କ ଦଳ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ସମ୍ବର୍ଦ୍ଧନା ହାସଲ କରିଛନ୍ତି। କର୍ଣ୍ଣାଟକରେ ଚଳିତମାସ ୯ରୁ ଆରମ୍ଭ ହୋଇଛି ଏକ ୪୮ ଘଣ୍ଟିଆ ନନ୍‌ଷ୍ଟପ୍ ରୋଲର୍ ସ୍କେଟିଂ ଲେସନ । ଗିନିଜ୍ ୱାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୪୮ ଜଣ ସ୍କେଟର ଅଂଶଗ୍ରହଣ କରିବେ, ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲା ଓ ସ୍କୁଲର ୧୫ ଜଣ ସ୍କେଟର ରହିଛନ୍ତି। ଏହି ୧୫ ଜଣିଆ ଟିମ୍‌ରେ ପି. ଶୁଭଙ୍କର ଅନ୍ୟତମ। ତାଙ୍କର ଏହି ପ୍ରତିଭା ପାଇଁ ଜିଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ତଥା ବିଭିନ୍ନ ମନ୍ତ୍ରୀଙ୍କ ଦ୍ୱାରା ମାନପତ୍ର ଓ ସିଲ୍ଡ ହାସଲ କରିସାରିଛନ୍ତି। ଶୁଭଙ୍କର କହନ୍ତି, 'ଭଦ୍ରକ ସହରରେ ଏହି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ କ୍ରୀଡ଼ାବିତ୍‌ମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରରେ ଦୈନିକ ଅଭ୍ୟାସ ପାଇଁ ଷ୍ଟାଡିୟମର ବ୍ୟବସ୍ଥା ବି ନାହିଁ। ଇନ୍‌ଡୋର ଗେମ୍ ପାଇଁ ଇନ୍‌ଡୋର ହଲ୍, ପ୍ରଶିକ୍ଷକଙ୍କ ଅଭାବ ରହିଛି। ତେଣୁ କେବଳ ନିଜ ଉଦ୍ୟମରେ ହିଁ ଅଭ୍ୟାସ କରି ଆଗଉଛନ୍ତି ଖେଳାଳିମାନେ।' କ୍ରୀଡ଼ା ବ୍ୟତୀତ ଶୁଭଙ୍କର ମଡର୍ଣ୍ଣ ଡ୍ୟାନ୍ସରେ ମଧ୍ୟ ରୁଚି ରଖନ୍ତି। ଏଥିରେ ବି ସେ ଅନେକ ସଫଳତା ପାଇଛନ୍ତି।

**-ଶିବାନୀ**

**ନରେଶ ପଟ୍ଟନାୟକ, ବିଭୁ ପ୍ରସାଦ ବେହେରା, ବୀରେନ୍ଦ୍ର ଝାଙ୍କର, ଏନ୍. ଦେବ କୁମାର**








# ଫିଲିଗ୍ରୀ ଜୁଏଲେରି

ନାରୀଙ୍କ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରିବାରେ ଯାହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ, ତାହା ହେଉଛି ଗହଣା ବା ଜୁଏଲେରି। ସେଥିପାଇଁ ତ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। ତେବେ ଫିଲିଗ୍ରୀ ଜୁଏଲେରି ଏମିତି ଏକ ଜୁଏଲେରି, ଯେଉଁଥିରେ ମୁଖ୍ୟତଃ ରୁପା, ସୁନା, ପ୍ଲାଟିନମ୍ କିମ୍ବା ରୋଜ୍ ଗୋଲ୍ଡର ତାରକୁ ଅତି ନିଖୁଣ ଭାବେ ଛନ୍ଦାଛନ୍ଦି କରି ଖୁବ୍ ସୁନ୍ଦର ସୁନ୍ଦର ଡିଜାଇନ୍ ତିଆରି କରାଯାଇଥାଏ। ତା'ଛଡ଼ା ଏହି ଜୁଏଲେରିରେ ଦେଖାଯାଉଥିବା ସାମାନ୍ୟ କଣା କଣା ଡିଜାଇନ୍ ହିଁ ଏହାକୁ ଖାସ୍ ଲୁକ୍ ଦେଇଥାଏ। ଆଜିକାଲି ଏହାର ଆଣ୍ଟିକ୍ ପିସ୍ ବି ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଏହି ଜୁଏଲେରିର କିଛି ସ୍ୱତନ୍ତ୍ର ଡିଜାଇନ୍ ସମ୍ପର୍କରେ...

**ଫିଲିଗ୍ରୀ ଇୟର ରିଂ:** ଏହି ଧରଣର ଇୟର ରିଂକୁ ଯେ କୌଣସି ଅକେଜନ୍‌ରେ ପିନ୍ଧାଯାଇପାରେ। ଶାଢି ହେଉ ଅବା ଲେହେଙ୍ଗା କିମ୍ବା ସାଲୱାର୍ ସହ ଏହା ବେଶ୍ ଭଲ ମ୍ୟାଚ୍ କରିଥାଏ। ଏପରିକି ୱେଷ୍ଟର୍ନ ଆଉଟ୍‌ଫିଟ୍ ସାଥିରେ ବି ଏହାକୁ ଟ୍ରାଏ କରିପାରିବେ। କିନ୍ତୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ପିନ୍ଧିଲାବେଳେ ସୁନା କିମ୍ବା ରୁପା ବଦଳରେ ଯଦି ଆଣ୍ଟିକ୍‌ର ଫିଲିଗ୍ରୀ ଇୟର୍ ରିଂ ଟ୍ରାଏ କରାଯାଏ, ତା'ହେଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ଫିଲିଗ୍ରୀ ଫିଙ୍ଗର୍ ରିଂ:** ଅନ୍ୟ ଫିଙ୍ଗର୍ ରିଂ ତୁଳନାରେ ଫିଲିଗ୍ରୀ ରିଂର ଡିଜାଇନ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଖାସ୍ କରି ହାର୍ଟସେପ୍, ରାଉଣ୍ଡ ସେପ୍, ଫ୍ଲୋରାଲ୍ କିମ୍ବା ଭାଇନ୍ ସେପ୍ ଡିଜାଇନ୍‌ର ଫିଲିଗ୍ରୀ ରିଂର ଚାହିଦା ଏବେ ମାର୍କେଟ୍‌ରେ ଖୁବ୍ ରହିଛି। ଆଜିକାଲି ତ ରିଂ ସେରିମୋନି ପାଇଁ ବି ସ୍ୱତନ୍ତ୍ର ଜିଡାଇନ୍‌ର ଫିଲିଗ୍ରୀ ରିଂ ମିଳିଲାଣି, ଯାହା ଦେଖିବାକୁ ଟ୍ରେଣ୍ଡି ଲାଗିବା ସହ ଗର୍ଜିୟସ୍ ଲୁକ୍ ବି ଦେଇଥାଏ।

**ଫିଲିଗ୍ରୀ ବ୍ରେସ୍‌ଲେଟ୍:** ବ୍ରେସ୍‌ଲେଟ୍ ବି ଡିଫରେଣ୍ଟ ଲୁକ୍ ଦିଏ। ଖାସ୍ କରି ସୁନା କିମ୍ବା ରୁପାରେ ତିଆରି ଫିଲିଗ୍ରୀ ବ୍ରେସ୍‌ଲେଟ୍ ଏତେ ଆକର୍ଷଣୀୟ ଦେଖାଯାଏ ଯେ, ପ୍ରଥମ ନଜରରେ ହିଁ ଏହାକୁ କେହି ବି ପସନ୍ଦ କରିଯିବେ। ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଅଲଗା ଡିଜାଇନ୍‌ରେ ଏହି ବ୍ରେସ୍‌ଲେଟ୍ ଆସିଥାଏ। ଖାସ୍ କରି ଫ୍ଲୋରାଲ୍ ଡିଜାଇନ୍‌ର ଫିଲିଗ୍ରୀ ବ୍ରେସ୍‌ଲେଟ୍ ଏବେ ଯୁବତୀମାନଙ୍କର ବେଶ୍ ପସନ୍ଦ।

**ଫିଲିଗ୍ରୀ ପେଣ୍ଡେଣ୍ଟ:** ଫିଲିଗ୍ରୀ ପେଣ୍ଡେଣ୍ଟର ବି ଅନେକ ଭେରାଇଟି ଆସିଥାଏ। ମୟୂର ତଥା ଫ୍ଲାୱାର୍ ଡିଜାଇନ୍‌ର ଫିଲିଗ୍ରୀ ପେଣ୍ଡେଣ୍ଟ ପାରମ୍ପରିକ ପୋଷାକ ସହ ଭଲ ମ୍ୟାଚ୍ କରୁଥିବାବେଳେ ହାର୍ଟ ତଥା ରାଉଣ୍ଡ ସେପ୍‌ର ପେଣ୍ଡେଣ୍ଟକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହିତ ଟ୍ରାଏ କରାଯାଇପାରେ। ଏହାଛଡ଼ା ଏବେ ସ୍ୱସ୍ତିକ, ଲିଫ୍ ଡିଜାଇନ୍ ତଥା ରୁଦ୍ରାକ୍ଷ ଡିଜାଇନ୍‌ର ଫିଲିଗ୍ରୀ ପେଣ୍ଡେଣ୍ଟ ବି ମିଳିଲାଣି, ଯାହାକୁ ପୂଜାପାର୍ବଣରେ ପିନ୍ଧି ଲୁକ୍‌କୁ ଆଉ ଟିକେ ଗର୍ଜିୟସ୍ କରିପାରିବେ।

**ଅନ୍ୟାନ୍ୟ ଜୁଏଲେରି:** ଏସବୁ ଜୁଏଲେରି ବ୍ୟତୀତ ଫିଲିଗ୍ରୀର ହେୟାର୍ କ୍ଲିପ୍, ହେୟାର୍ କଫ୍, ଗୋଡ ମୁଦି, ନେକ୍‌ଲେସ୍ ଇତ୍ୟାଦି ବି ବେଶ୍ ଆକର୍ଷଣୀୟ ଲାଗିଥାଏ ଦେଖିବାକୁ। ଏହାର ବ୍ୟବହାର ବି ଲୁକ୍‌କୁ ଗ୍ଲାମର୍ ଟଚ୍ ଦେଇଥାଏ।

ତେବେ ଫିଲିଗ୍ରୀର କେବଳ ଜୁଏଲେରି ଆସେ ତାହା ନୁହେଁ, ଆଜିକାଲି ଅନେକ ଘରକରଣା ସାମଗ୍ରୀରେ ବି ଏହି ଡିଜାଇନ୍‌କୁ ଅନୁକରଣ କରାଯାଉଥିବାର ଦେଖିବାକୁ ମିଳୁଛି। ଯେମିତିକି ବିଭିନ୍ନ ପ୍ରକାର ଶୋ ପିସ୍, ଟ୍ରେ, ପ୍ଲେଟ୍, ବାଉଲ୍, ଚାମଚ୍ ଇତ୍ୟାଦି। ସେହିପରି ପୂଜାସାମଗ୍ରୀ ଭିତରେ ଭିନ୍ନ ଭିନ୍ନ ଷ୍ଟାଇଲ୍‌ର ଫିଲିଗ୍ରୀ ଧୂପଦାନି ବି ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।




# ମୋହନ ରାକେଶ










**ପାରମ୍ପରିକ ସାହିତ୍ୟର ଶଗଡ଼ଗୁଳାରୁ ବାହାରକୁ ବାହାରି ତଥା କଳ୍ପନା ନୁହେଁ ଦୈନନ୍ଦିନ ଜୀବନରେ ମଣିଷ ଭୋଗୁଥିବା ବ୍ୟଥା ବେଦନାକୁ ସିଧାସଳଖ ସାହିତ୍ୟରେ ରୂପାନ୍ତରିତ କରିବାର ଏକ ପ୍ରୟାସ ଥିଲା ଏହି ଆନ୍ଦୋଳନର ଆଭିମୁଖ୍ୟ। ଏହି ଆନ୍ଦୋଳନରେ କ୍ରମାନ୍ୱୟରେ ସମଗ୍ର ଦେଶ ତଥା ସମଗ୍ର ଦେଶର ଭାଷା ସାହିତ୍ୟର ରଥୀ ମହାରଥୀମାନେ ସାମିଲ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ପ୍ରଥିତଯଶା ସାରସ୍ୱତ ପୁରୁଷ ତଥା ପ୍ରଚଣ୍ଡ ପ୍ରତିଭାଧର ନାଟ୍ୟକାର ମୋହନ ରାକେଶ...**

ପଚାଶ ଦଶକରେ ଭାରତବର୍ଷରେ ଆରମ୍ଭ ହୋଇଥିଲା ନବନାଟ୍ୟ ଆନ୍ଦୋଳନ। ଏଥିସହିତ ବେଶ୍ ସମାନ୍ତରାଳ ଭାବରେ ହିନ୍ଦୀ ସାହିତ୍ୟରେ ଆରମ୍ଭ ହୋଇଥିଲା ନୟି କହାନୀ ବା ନିୟୁ ଷ୍ଟୋରୀ ମୁଭ୍‌ମେଣ୍ଟ। ପାରମ୍ପରିକ ସାହିତ୍ୟର ଶଗଡ଼ଗୁଳାରୁ ବାହାରକୁ ବାହାରି ତଥା କଳ୍ପନା ନୁହେଁ ଦୈନନ୍ଦିନ ଜୀବନରେ ମଣିଷ ଭୋଗୁଥିବା ବ୍ୟଥା ବେଦନାକୁ ସିଧାସଳଖ ସାହିତ୍ୟରେ ରୂପାନ୍ତରିତ କରିବାର ଏକ ପ୍ରୟାସ ଥିଲା ଏହି ଆନ୍ଦୋଳନର ଆଭିମୁଖ୍ୟ। ଏହି ଆନ୍ଦୋଳନରେ କ୍ରମାନ୍ୱୟରେ ସମଗ୍ର ଦେଶ ତଥା ସମଗ୍ର ଦେଶର ଭାଷା ସାହିତ୍ୟର ରଥୀ ମହାରଥୀମାନେ ସାମିଲ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ପ୍ରଥିତଯଶା ସାରସ୍ୱତ ପୁରୁଷ ତଥା ପ୍ରଚଣ୍ଡ ପ୍ରତିଭାଧର ନାଟ୍ୟକାର ମୋହନ ରାକେଶ୍। ତଥ୍ୟ ଅନୁଯାୟୀ, ହିନ୍ଦୀ ନାଟକ ଜଗତରେ ସେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲେ। ଆଉ ସେ ହିଁ ଲେଖିଥିଲେ ପ୍ରଥମ ଆଧୁନିକ ହିନ୍ଦୀ ନାଟକ 'ଆଷାଢ୍ କା ଏକ୍ ଦିନ୍ ବା ଆଷାଢ଼ର ଗୋଟିଏ ଦିନ'।




**ଆଷାଢ୍ କା ଏକ୍ ଦିନ :** ମହାକବି କାଳିଦାସ ଥିଲେ ଏହି ନାଟକର ମହାନାୟକ। କାଳିଦାସଙ୍କ ପ୍ରେମ ପ୍ରଣୟକୁ ଆଧୁନିକତାର ପୁଟ ଦେଇ ସେ ସୃଷ୍ଟି କରିଥିଲେ ହିନ୍ଦୀ ନାଟ୍ୟ ସାହିତ୍ୟର ଏକ ନୂତନ ଧାରା। ମହାକବିଙ୍କର ମହାନ୍ ସଂସ୍କୃତ କାବ୍ୟ 'ମେଘଦୂତ'ର ଏକ ବହୁ ଆଦୃତ ପଙ୍‌କ୍ତି 'ଆଷାଢ଼ସ୍ୟ ପ୍ରଥମ ଦିବସେ'ରୁ ଅନୁପ୍ରାଣିତ ହୋଇ ସେ ନିଜ ନାଟକର ନାମକରଣ କରିଥିଲେ 'ଆଷାଢ୍ କା ଏକ ଦିନ୍'। ଏହି ନାଟକ କେବଳ ନବନାଟ୍ୟ ଆନ୍ଦୋଳନର ସୂତ୍ରପାତ କରି ନ ଥିଲା ; ଅଧିକନ୍ତୁ ମୋହନ ରାକେଶ୍‌ଙ୍କୁ ହିନ୍ଦୀ ଆଧୁନିକ ନାଟ୍ୟ ସାହିତ୍ୟର ଯୋଗପୁରୁଷରେ ପରିଣତ କରିଦେଇଥିଲା। ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ ଏହି ନାଟକ ଶ୍ରେଷ୍ଠ ନାଟକ ଭାବରେ ମାନ୍ୟତା ପାଇଥିଲା। କେବଳ ନାଟକ ନୁହେଁ, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, ସ୍ମୃତିଲେଖ, ସମୀକ୍ଷା ଆଦି ରଚନା କରି ମଧ୍ୟ ବେଶ୍ ପ୍ରଶଂସିତ ହୋଇଥିଲେ ମୋହନ ରାକେଶ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ତାଙ୍କୁ ୧୯୬୮ରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା।




**ପ୍ରାଥମିକ ଜୀବନ:** ୧୯୨୫ ମସିହା ଜାନୁୟାରୀ ୮ ତାରିଖରେ ପଞ୍ଜାବର ଅମୃତସରଠାରେ ମୋହନ ରାକେଶଙ୍କ ଜନ୍ମ। ତାଙ୍କର ପିତୃଦତ୍ତ ନାମ ମଦନ ମୋହନ ଗୁଗ୍‌ଲାନୀ। ତାଙ୍କ ବାପା ଜଣେ ଆଇନଜୀବୀ ଥିଲେ। ତେବେ ତାଙ୍କୁ ୧୬ବର୍ଷ ହୋଇଥିବା ବେଳେ ସେ ତାଙ୍କ ବାପାଙ୍କୁ ହରେଇଥିଲେ। ମୋହନ ଲାହୋର ସ୍ଥିତ ପଞ୍ଜାବ ୟୁନିଭର୍ସିଟିରୁ ହିନ୍ଦୀ ଏବଂ ଇଂଲିଶରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ମୁମ୍ବାଇ (ତତ୍କାଳୀନ ବମ୍ବେ)ରେ ଜଣେ ଶିକ୍ଷକ ଭାବରେ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା। ତେବେ କିଛିବର୍ଷ ପରେ ସେ ମୁମ୍ବାଇ ଛାଡ଼ି ଦିଲ୍ଲୀ ଚାଲିଆସିଲେ। ଦିଲ୍ଲୀ ଆସି ଡିଏଭି କଲେଜ୍‌ର ହିନ୍ଦୀ ବିଭାଗର ମୁଖ୍ୟ ଭାବରେ ଯୋଗଦେଲେ। ସେ କିଛିଦିନ ପାଇଁ ହିନ୍ଦୀ ସାହିତ୍ୟ ପତ୍ରିକା 'ସାରିକା'ର ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ତେବେ ଗୋଟିଏ ପେସାରେ ବାନ୍ଧି ହୋଇ ରହିବା ତାଙ୍କ ଦ୍ୱାରା ସମ୍ଭବ ହେଉ ନ ଥିଲା। ଏହାଦ୍ୱାରା ତାଙ୍କର ସୃଜନଶୀଳ ପ୍ରକ୍ରିୟା ବହୁଭାବରେ ବାଧାପ୍ରାପ୍ତ ହେଉଥିଲା। ତେଣୁ ଲେଖାଲେଖିରେ ସବୁତକ ସମୟ ବିନିଯୋଗ କରିବା ପାଇଁ ସେ ଚାକିରି ଛାଡ଼ିଦେଲେ।

**ମାଷ୍ଟରପିସ୍:** ମୁଖ୍ୟତଃ ଜଣେ ନାଟ୍ୟକାର ଭାବରେ ବହୁଳ ପ୍ରସିଦ୍ଧି ହାସଲ କରିଥିବା ମୋହନ ରାକେଶଙ୍କ ଲୋକପ୍ରିୟ ଉପନ୍ୟାସ ମଧ୍ୟରେ ରହିଛି 'ଅନ୍ଧେରେ ବନ୍ଦ କମ୍‌ରେ' ଏବଂ ନା ଆନେୱାଲା କଲ୍'। 'ଆଷାଢ୍ କା ଏକ୍ ଦିନ୍'କୁ ବାଦ୍‌ଦେଲେ ତାଙ୍କ ଅନ୍ୟ ଏକ ନାଟକ 'ଅଧେ ଅଧୁରେ'କୁ କ୍ରିଟିକ୍‌ମାନେ ବେଶ୍ ଗୁରୁତ୍ୱର ସହ ଗ୍ରହଣ କରିଥାନ୍ତି। ମୋହନ ରାକେଶ୍‌ଙ୍କ ରଚିତ 'ଲେହେରୋଁ କେ ରାଜହଂସ' ଏକ ସ୍ୱତନ୍ତ୍ର ଶୈଳୀ ତଥା କାହାଣୀଧର୍ମୀ ନାଟକ। ଏହାର କାହାଣୀ ସେ ପ୍ରାଚୀନ ବୌଦ୍ଧଜାତକରୁ ଗ୍ରହଣ କରିଥିଲେ। ବାସ୍ତବରେ ଏହା ଥିଲା ତାଙ୍କର ଏକ କ୍ଷୁଦ୍ରଗଳ୍ପ। ପରେ ଏହି ଗପଟିକୁ ସେ ଜଳନ୍ଧର ଅଲ୍ ଇଣ୍ଡିଆ ରେଡିଓ ନିମନ୍ତେ ନାଟ୍ୟରୂପ ଦେଇଥିଲେ। ନାଟକଟି କେବଳ ହିନ୍ଦୀ ଭାଷାରେ ପ୍ରସାରିତ ହୋଇ ନ ଥିଲା ; ଅଧିକନ୍ତୁ ଏହା ବିଭିନ୍ନ ଭାଷାକୁ ମଧ୍ୟ ରୂପାନ୍ତରିତ କରାଯାଇଥିଲା। ଏହି ବେତାର ନାଟକଟିକୁ କ୍ରିଟିକ୍‌ମାନେ ମୋହନ ରାକେଶ୍‌ଙ୍କର ମାଷ୍ଟରପିସ୍ ବୋଲି ବର୍ଣ୍ଣନା କରିଥାନ୍ତି।

୧୯୭୨ ଜାନୁୟାରୀ ୩ ତାରିଖରେ ଏହି ପ୍ରତିଭାଧର ନାଟ୍ୟ ପୁରୁଷଙ୍କ ଜୀବନରେ ଯବନିକା ପଡ଼ିଥିଲା।



# ଗୋଲାପ ଫୁଲର ବର୍ଷା

– ଲକ୍ଷ୍ମଣ କୁମାର

**ସେ** ଅପାସୋରା ଅକ୍ଟୋବର କେବେ କେମିତି ସ୍ମୃତିର ଝରକା ଦେଇ ପଶିଆସେ ଅଦିନିଆ ବର୍ଷାଛିଟା ପରି ଓ ଓଦା କରିଦିଏ ଛାତିର ବଖରା। ପାଣି ପରି ବହିଯାଇଛି ସମୟ। କିନ୍ତୁ ପାଦଚିହ୍ନ ସବୁ ସେମିତି ରହିଯାଇଛି ଅକ୍ଷତ।

ଦୂରତା ଥିଲା ଆମ ଭିତରେ ଚାରିଶହ କିଲୋମିଟର। ଅଥଚ ଲାଗୁ ନ ଥିଲା ଯେ ଆମ ଭିତରେ ଅଛି କିଛି ହେଲେ ବ୍ୟବଧାନ। ସେଦିନ କଥା ହେଉ ହେଉ ଗୋଟେ ସାଧାରଣ କଥାରୁ ଆମେ ପହଞ୍ଚି ଯାଇଥିଲୁ ଅସାଧାରଣ ଜଗତରେ। ସେ ଥାଏ କଲେଜ କ୍ୟାମ୍ପସ୍‌ରେ। ଆଉ ମୁଁ ଥାଏ ଗୋଟେ ନିଶୂନ ରାସ୍ତାକଡ଼ର କୃଷ୍ଣଚୂଡ଼ା ଗଛତଳେ।

ସେ ପର୍ଯ୍ୟନ୍ତ ଆମେ ଦୁହେଁ କେହି କାହାରିକୁ ଦେଖି ନ ଥାଉ। କେବଳ ଫୋନ୍‌ରେ ହିଁ କଥାବାର୍ତ୍ତା ଆଉ ପରିଚୟ। ମୁଁ ପଚାରିଲି, ତୁମେ କେମିତି ଦେଖାଯାଅ ? ସେ ହସିକି କହିଲା– ଦିନରେ ନା ରାତିରେ ?

: ତୁମେ କ'ଣ ଦିନବେଳା ଅଲଗା ଓ ରାତିରେ ଅଲଗା ଦେଖାଯାଅ ?

: ଅଫ୍‌କୋର୍ସ !

: ତେବେ ଦିନବେଳା କେମିତି ଦିଶ ଆଗ କୁହ।

: ଦିନରେ ମୁଁ ଶ୍ୱେତପଦ୍ମ।

: ଆଉ ରାତିରେ ?

: ନୀଳକଇଁ !

: ବିୟୁଟିଫୁଲ। ମୁଁ କହିଲି।

: ତୁମ ଉଚ୍ଚତା କେତେ ? ମୁଁ ପଚାରିଲି।

: ପାଞ୍ଚଫୁଟ ଚାରିଇଞ୍ଚ।

: ତେବେ ଆମେ ଦୁହେଁ ସାମ୍ନାସାମ୍ନି ଛିଡ଼ାହେଲେ କ'ଣ ହେବ ଜାଣିଛ ?

: କ'ଣ ହେବ ? ସେ ଉତ୍କଣ୍ଠିତ ହୋଇ ପଚାରିଲା।

ମୁଁ କହିଲି : ତମେ ମୋ ସାମ୍ନାରେ ଛିଡ଼ା ହେଲେ ତୁମେ ଯେଉଁ ଅନୁପାତରେ ଡେଙ୍ଗା ଅଛ ମୋ ଓଠ ଛୁଇଁବ ତୁମ କପାଳ।

ଏତିକି ମାତ୍ର କଥା। ବାସ୍। ବଦଳିଯାଇଥିଲା ସାରା ଆକାଶ। ସାରା ପୃଥିବୀ ମାତ୍ର ଗୋଟାଏ ପଲକରେ। ସାରା ଆକାଶ ଆଚ୍ଛାଦିତ ହେଇଗଲା କି ଗୋଲାପୀ ମେଘରେ। ମହମ ପରି ତରଳି ଯାଉଥିଲା ହୃଦୟ।

: କେତେ ମିଠା ଲାଗୁଛି ଆଜିର ସକାଳ। ଏତେ ଗହଳ ଚହଳ ସତ୍ତ୍ୱେ ରାସ୍ତାଘାଟ ଆଜି କାହିଁକି ଲାଗୁଚି ନିର୍ଜନ ନିର୍ଜନ। ସେ କହିଲା।

: ଜାଣିଛ, ଆଜି ମୁଁ ଗୋଟେ ବର୍ଷାରେ ଗୋଟାପଣେ ଭିଜିଗଲିଣି। ଲାଗୁଛି ଯେମିତି ମୁଲାୟମ୍ ଗୋଲାପ ପାଖୁଡ଼ା ଝରୁଛି ମୋ ଉପରେ। ସେ କହିଲା।

: ମୋର ବି ଅବିକଳ ସେଇ ଅନୁଭବ। ମୁଁ କହିଲି।

: ମୋ ଚାରିକଡ଼େ ଯେମିତି ଭାସି ବୁଲୁଛି ପବନରେ ପ୍ରଜାପତିର ଡେଣା। ସେ କହିଲା।

: ମୋ ଚାରିକଡ଼େ ଖାଲି ଫୁଲର ପାଖୁଡ଼ା। ମୁଁ କହିଲି।

: ତୁମେ ଆସି ମୋତେ ନେଇଯାଅ। ହଠାତ ସେ କହିଲା, ସ୍ୱତଃସ୍ଫୂର୍ତ୍ତ ଭାବରେ।

: କୁଆଡ଼େ ନେବି ? ମୁଁ ପଚାରିଲି।

: ତୁମରି ଘରକୁ। ସେ କହିଲା।

: ଅପେକ୍ଷା କର। ନିଶ୍ଚୟ ଆସିବ। ମୁଁ କହିଲି।

ଆଜି କେତେବର୍ଷ ପରେ ସେ ଓ ମୁଁ ଛିଡ଼ା ହୋଇଛୁ ପରସ୍ପରକୁ ପଛକରି ଗୋଟେ ସମୁଦ୍ରକୂଳରେ। ହୃଦୟ ସାରା ଏବେ ବି ଗୋଲାପ କଣ୍ଟାର ଆଞ୍ଚୁଡ଼ା ଦାଗ। ମୁଁ ଜାଣିନି କେଉଁ ଦ୍ୱୀପରେ ଜଳବନ୍ଦୀ ଆଜି ଅନାଗତ ସ୍ୱପ୍ନର ଘର।

*– ଦିଗ୍‌ବଳୟ, ଲେଣ୍ଡା, ବରପାଲି, ବରଗଡ଼*

# ସ୍ୱର୍ଗତ ଯୌବନକୁ ଚିଠି

– ବ୍ରଜକିଶୋର ମଲ୍ଲିକ

**ଯୌ**ବନ !
ତମେ ଗଲା ପରେ
ଦେହ ଦେଉଳର ନାଟ ପରେ
ବାର୍ଦ୍ଧକ୍ୟର ମିରିଗ ନାଟ।

ତମେ ଗଲା ପରେ
ଦେହରୁ ଫେରାର କୃଷ୍ଣଚୂଡ଼ାର ମାଦକତା
ଆଖିରୁ ଅପହୃତ ପଳାଶର ନିଶା
ମନ–ଆକାଶରୁ ଉଭାନ ଇନ୍ଦ୍ରଧନୁର ସପ୍ତରଙ୍ଗ
ରୋମାଞ୍ଚିତ ହେଉନି ମୋ ତନୁମନ
ଉଠୁନି ଜୁଆର ଜୀବନ–ଯମୁନାରେ।

ତମେ ଗଲା ପରେ
ନାକତଳେ ପୌରୁଷର ଅଭୟାରଣ୍ୟ
ଆତ୍ମଗୋପନ କଲା ବାର୍ଦ୍ଧକ୍ୟ
କୋମ୍ବିଂ ଅପରେଶନ୍ ନାଁରେ ଚଳାଇଲି ବୁଲଡୋଜର
ଟାଙ୍ଗରା ଭୂଇଁ ପାଲଟିଲା ମୋ ପୌରୁଷାଞ୍ଚଳ
ସତେ ଅବା ଇଲିଅଟ୍‌ଙ୍କ 'ୱେଷ୍ଟଲ୍ୟାଣ୍ଡ' !

ସ୍ମୃତି ସିନ୍ଧୁକରେ ସାଇତିଛି
ତମ ରାଜୁତି ବେଳର
ପବିତ୍ର ପାପ ସବୁକୁ
ଆଉ ସମୟର ନଈକୁ ଫିଙ୍ଗିଛି ତା' ଚାବିକାଠି।

ଯୌବନ !
ତମେ ଯେ ଅଣଲେଉଟା ରୁକୁଣା ରଥ
ବାଛିନେବି କି ଦିବ୍ୟପଥ
ତମେ ଗଲା ପରେ ?

*– ଅଧ୍ୟାପକ, ଇଂରାଜୀ ବିଭାଗ,*
*ବାଲେଶ୍ୱର ମହାବିଦ୍ୟାଳୟ,*
*ଶୋଭାରାମପୁର, ବାଲେଶ୍ୱର*

# ତଥାପି ଜୀବନ

–ବାସୁଦେବ ମିଶ୍ର

**ବ**ଞ୍ଚିବାକୁ ସଂଘର୍ଷ
ମାନବଠୁ କୀଟପତଙ୍ଗ
କ୍ଷଣିକ ଜୀବନ ଏଠି
ନିଃଶ୍ୱାସକୁ ବିଶ୍ୱାସ ନାହିଁ !
ତଥାପି
ଶୂନ୍ୟ ଆକାଶ ତଳେ
ବଳ କଷାକଷି ଜୀବନ
ଗର୍ବ ଅହଙ୍କାର, ଅତ୍ୟାଚାର
ଶୋଷଣ ଆଉ ବଳାତ୍କାର।
ମୁଁ ର ସିଂହାସନ ପାଇଁ
ରକ୍ତର ପ୍ଲାବନ।
ଜୀବନର ରଙ୍ଗମଞ୍ଚରେ
ଅଭିନେତା ସର୍ବଗଣ
ଅନ୍ତିମ ଦୃଶ୍ୟ କାହା ପାଇଁ
କିଏ ବା ଜାଣେ,
କାହାର ଆରମ୍ଭ...।

*– ବଇରିପୁର, ବନ୍ତଲିଗ୍ରାମ*
*ଗୋପ, ପୁରୀ*





ଆଥିୟା



## ନାୟିକା ହେବ ଏମିତି

ନବାଗତା ଆଥିୟା ସେଟ୍ଟୀଙ୍କ ବାର୍ଥ ଡେ' ସେଲିବ୍ରେଶନକୁ ନେଇ ଏବେ ଚର୍ଚ୍ଚା। ବର୍ତ୍ତମାନ ସେ ନିଜର ପ୍ରଥମ ଫିଲ୍ମ 'ମୋତିଚୁର ଚକନାଚୁର'ର ଶୁଟିଂ ପାଇଁ ଭୋପାଳରେ ଅଛନ୍ତି। ନିକଟରେ ସେ ନିଜ ୧୮ତମ ଜନ୍ମଦିନ ପାଳନ କରିଥିଲେ। ଯେହେତୁ ଶୁଟିଂ ଚାଲିଛି ତେଣୁ ୟୁନିଟର ସଦସ୍ୟମାନେ ତାଙ୍କର ଜନ୍ମଦିନକୁ ଶୁଟିଂ ସେଟ୍‌ରେ ସେଲିବ୍ରେଟ୍ କରିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ଏହା ସପକ୍ଷରେ ନ ଥିଲେ ଆଥିୟା। ସେ କହିଥିଲେ, 'ମୋ ବାର୍ଥ ଡେ'କୁ ନେଇ ଶୁଟିଂରେ ବ୍ୟାଘାତ ହେଉ ତାହା ମୁଁ ଚାହେଁନା। ଯଦି ଆମେ ଶୁଟିଂ ସେଟ୍‌ରେ ସେଲିବ୍ରେଟ୍ କରିବା ତେବେ ନିଶ୍ଚୟ ଘଣ୍ଟାଏ ସମୟ ଲାଗିବ। ମୋ ମତରେ ଶୁଟିଂ ପାଇଁ ଏହି ସମୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏଠାରେ ସେଲିବ୍ରେଟ୍ ନ କରି ହୋଟେଲରେ ଏହାର ମଜା ନେବାକୁ ସେ ପ୍ରସ୍ତାବ ଦେଇଥିଲେ। ଯୋଗକୁ ସେଦିନ ପ୍ୟାକ୍ ଅପ ହେଉ ହେଉ ଲେଟ୍ ନାଇଟ୍ ହୋଇଯାଇଥିଲା। ହେଲେ ପୂର୍ବରୁ ହୋଟେଲରେ ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିସାରିଥିଲେ ଆଥିୟା। ଶୁଟିଂ ସେଟରୁ ସମସ୍ତେ ସିଧାସଳଖ ହୋଟେଲରେ ପହଞ୍ଚିଥିଲେ ଏବଂ ବେଶ୍ ଧୁମଧାମରେ ତାଙ୍କର ବାର୍ଥ ଡେ ପାଳନ କରାଯାଇଥିଲା।



ଭୂମିକା

## ଅପେକ୍ଷାର ଫଳ ମିଠା

ଅପେକ୍ଷାର ଫଳ ମିଠା। ହେଲେ ସେଥିପାଇଁ ଧୈର୍ଯ୍ୟ ଦରକାର। ଠିକ୍ ସେହିପରି ଓଡ଼ିଆ ସିନେମା ଜଗତରେ ଅନ୍ୟତମ ବ୍ୟୟବହୁଳ ଚଳଚ୍ଚିତ୍ର ବୋଲି ଆଲୋଚିତ ହେଉଥିବା 'ନାୟକର ନାଁ ଦେବଦାସ'ର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ। ପ୍ରସିଦ୍ଧ ବଙ୍ଗଳା ଉପନ୍ୟାସ 'ଦେବଦାସ'କୁ ଆଧାର କରି ପୂର୍ବରୁ ପାଖାପାଖି ୧୬ଟି ଭାଷାରେ ଚଳଚ୍ଚିତ୍ର ନିର୍ମିତ ହୋଇସାରିଛି। ଏବେ ଏହି ଚର୍ଚ୍ଚିତ କାହାଣୀକୁ ନେଇ ପାଖାପାଖି ୨.୫ କୋଟି ବଜେଟରେ ପ୍ରସ୍ତୁତ ହୋଇଛି ଓଡ଼ିଆ ଫିଲ୍ମ 'ନାୟକର ନାଁ ଦେବଦାସ'। ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅସୀତ। ଅନ୍ୟପକ୍ଷରେ ଚନ୍ଦ୍ରମୁଖୀ ଭୂମିକାରେ ଅନୁ ଚୌଧୁରୀ ଏବଂ ପାରୋ ରୋଲ୍‌ରେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଛନ୍ତି ଭୂମିକା ଦାଶ। ଏପରି ଏକ ଦମ୍‌ଦାର କାହାଣୀକୁ ନେଇ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ସମ୍ପାଦନ କରିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଅଞ୍ଜାନେୟ ମିଡିଆ ପ୍ରା.ଲି. ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ଶିଶିର କୁମାର ଦାଶ, ପ୍ରଭାତ କୁମାର ପ୍ରଧାନ ଏବଂ କୀର୍ତ୍ତନ ଚନ୍ଦ୍ର ପାତ୍ର। ବୈଦନାଥ ଦାଶ ଗୀତଗୁଡିକୁ ସ୍ୱର ଦେଇଥିବା ବେଳେ ସଂଳାପ ରଚନା କରିଛନ୍ତି ଦେବୀଦତ୍ତ ମହାନ୍ତି।

## ଚତୁରୀ ପ୍ରିୟଙ୍କା

ଯାହା କହନ୍ତୁ ନା କାହିଁକି ପ୍ରିୟଙ୍କା ଚୋପ୍ରାଙ୍କ ଆଇଡିଆକୁ ମାନିବାକୁ ପଡିବ। ଏମିତି ଖେଳ ଖେଳିଲେ ଯେ ତାକୁ ନେଇ ଉପସ୍ଥିତ ବ୍ୟକ୍ତିବିଶେଷ ତାଜୁବ। କଥା କ'ଣ କି ତାଙ୍କ ଦ୍ୱାରା ପ୍ରଯୋଜିତ ତଥା ନେପାଳୀ ଭାଷାରେ ନିର୍ମିତ ସିନେମା 'ପାହୁନା-ଦ ଲିଟିଲ ଭିଜିଟର୍ସ' ଚଳିତ ବର୍ଷ ଡିସେମ୍ବର ୭ରେ ରିଲିଜ ହେବାକୁ ଯାଉଛି। ଏହି ଅବସରରେ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ହେଲେ ଭବିଷ୍ୟତରେ ଅଧିକ ସିନେମା ପ୍ରଯୋଜନା କରିବା କଥାକୁ ସେ ଝୁଲାଇ ରଖିଥିଲେ। ସେ କହିଥିଲେ, ଆଗକୁ ମୁଁ ସିନେମା ନିର୍ମାଣ କରିବି କି ନାହିଁ ତାହା ମୋ ଉପରେ ନୁହେଁ ଦର୍ଶକଙ୍କ ଉପରେ ନିର୍ଭର କରେ। କାରଣ ମୋ ଫିଲ୍ମଟି ସେମାନଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାର କଥା। ଏ ନେଇ କୌଣସି ନିଷ୍ପତ୍ତି ଏବେ ନେବା ଠିକ୍ ହେବ ନାହିଁ।' ତିନିଜଣ ଛୋଟ ପିଲା କିପରି ବିଭିନ୍ନ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି ଏବଂ ତାହାର ମୁକାବିଲା କରୁଛନ୍ତି ତାହାକୁ ଆଧାର କରି ୧ ଘଣ୍ଟା ୨୮ ମିନିଟ୍ ଅବଧି ବିଶିଷ୍ଟ ଏହି ଫିଲ୍ମଟି ନିର୍ମିତ ହୋଇଛି।





କିଆରା

## କିଆରା-ଜ୍ୟାକଲିନ୍: ତୁ ତୁ ମେଁ ମେଁ

କଥାରେ ଅଛି ଝିମିଟି ଖେଳରୁ ମହାଭାରତ। ଦେଖୁନାହାନ୍ତି, କେମିତି ସାମାନ୍ୟ କଥାରୁ ଦୁହେଁ ଦୁହିଁଙ୍କୁ ପାନେ ଚଖାଇବାକୁ ଚାହିଁ ବସିଛନ୍ତି। କଥା ଛଳରେ ଜଣେ ଏମିତି କହି ଦେଲେ ଯେ ତାହା ଶୁଣି ଅନ୍ୟ ଜଣକ ରାଗି ନିଆଁବାଣ। ହଁ, ସେ ଦୁହେଁ ହେଲେ କିଆରା ଆଡଓ୍ୱାନି ଏବଂ ଜ୍ୟାକଲିନ ଫର୍ନାଡିସ। ନିକଟରେ ଏକ କଫି ପବ୍‌ରେ ବସି ଦୁହେଁ ଗପ ଜମେଇ ଥାଆନ୍ତି। କଥା ଆଳରେ ଜ୍ୟାକଲିନ୍ କହିଲେ ଯେ, କିଆରା, ତୁମର ତ ଏବେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ପୂରା ଦମ୍‌ରେ ଇଲୁ ଇଲୁ ଚାଲିଛି।' ଏକଥା ଶୁଣି କିଛି ସମୟ ଚୁପ୍ ହୋଇଗଲେ କିଆରା। ଏହାର ଉତ୍ତର ଜାଣିବାକୁ ସତେ ଯେମିତି ଜ୍ୟାକଲିନ୍‌ଙ୍କ ଧୈର୍ଯ୍ୟ ନ ଥିଲା। ତେଣୁ ସେ ପରୋକ୍ଷରେ ଏପରି କେତୋଟି କଥା କହିଲେ ଯାହା ଶୁଣିବା ପରେ କିଆରାଙ୍କ ରାଗ ମୁଣ୍ଡକୁ ଚଢ଼ିଗଲା। ଆଉ ତା'ପରେ କଫି ପିଇବେ କ'ଣ ମନ ଇଚ୍ଛା ଜ୍ୟାକଲିନ୍‌ଙ୍କ ଉପରେ ବର୍ଷିଥିଲେ। ସେଠାରୁ ଫେରିବା ପରେ ଏହି କଥାକୁ ନେଇ ଦୁହିଁଙ୍କ ଭିତରେ ଆରୋପ ପ୍ରତ୍ୟାରୋପ ଚାଲିଛି। ସେପଟେ ଏହାକୁ ନେଇ 'ମୁଁ କିଛି କହିବି ନାହିଁ' ବୋଲି ସଫେଇ ଦେଇଛନ୍ତି ସିଦ୍ଧାର୍ଥ। ଅନ୍ୟପକ୍ଷରେ ଜ୍ୟାକଲିନ୍‌ଙ୍କୁ ଭଲ ଭାବରେ ପାନେ ଦେବା ଚକ୍କରରେ କୁଆଡେ କିଆରା ଅଛନ୍ତି। ଦେଖାଯାଉ, କେଉଁ ପାଣି କୁଆଡେ ଯାଉଛି।

## ଶହେ କୋଟି କ୍ଲବରେ 'ବଧାଇ ହୋ'

ଆୟୁଷ୍ମାନ ଖୁରାନାଙ୍କ ଅଭିନୀତ 'ବଧାଇ ହୋ' ହିଟ୍ ହୋଇଛି। ମାତ୍ର ୧୭ଦିନ ମଧ୍ୟରେ ଏହି ଫିଲ୍ମଟି ୧୦୦କୋଟି କ୍ଲବରେ ସାମିଲ ହୋଇଛି। ଏକଥା ଜାଣିବା ପରେ ଆୟୁଷ୍ମାନଙ୍କ ଖୁସି କହିଲେ ନ ସରେ। ଏକ ଭିନ୍ନ ଧରଣର କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଜଣେ ୨୫ବର୍ଷ ବୟସ୍କ ଯୁବକ ଜାଣିବାକୁ ପାଉଛି ଯେ ତାହାର ମା' ଗର୍ଭବତୀ। ତା'ପରେ କ'ଣ ଘଟୁଛି ତାହାକୁ ଆଧାର କରି କାହାଣୀ ଗତିଶୀଳ। ଏ ସମ୍ପର୍କରେ ଆୟୁଷ୍ମାନ କହନ୍ତି, 'ଏହି ଫିଲ୍ମଟି ଯେତେବେଳେ ମୁଁ ସାଇନ୍ କଲି ସେତେବେଳେ ଅନୁମାନ କରିଥିଲି ଯେ ଏଭଳି କାହାଣୀ ନିଶ୍ଚୟ କିଛି ଦର୍ଶକଙ୍କୁ ପ୍ରଭାବିତ କରିବ। ହେଲେ ସବୁ ବର୍ଗର ଦର୍ଶକ ଏହାକୁ ଗ୍ରହଣ କରିଛନ୍ତି ଏବଂ ଫିଲ୍ମଟି ମାତ୍ର ଦିନ କେଇଟା ଭିତରେ ୧୦୦କୋଟି ଇନ୍‌କମ କରିଛି ତାହା ବଡ କଥା। ଏବେ ମୁଁ ନିଜେ ଏକ କାହାଣୀ ଖୋଜି ପାଇଛି ଏବଂ ତାକୁ ନେଇ ସିନେମାଟିଏ ନିର୍ମାଣ କରିବାକୁ ଯାଉଛି।' ଏହି ଫିଲ୍ମରେ ଆୟୁଷ୍ମାନଙ୍କ ବ୍ୟତୀତ ନୀନା ଗୁପ୍ତା, ଗଜରାଜ ରାଓ, ସୁରେଖା ସିକ୍ରି, ସାନ୍ୟା ମାଲହୋତ୍ରା ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ରବୀନ୍ଦ୍ରନାଥ ଶର୍ମା।

## କୋଟିଏ କିଛି ନୁହେଁ

ଦୀପିକା-ରଣବୀରଙ୍କ ବିବାହର ପ୍ରତିଟି କଥାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ତେବେ ଆଗରୁ ତାଙ୍କର ଡେଷ୍ଟିନେସନ୍ ଓ୍ୱେଡିଂକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ଏବେ ଜୁଏଲେରୀକୁ ନେଇ ସମସ୍ତଙ୍କ ଭିତରେ ଉତ୍ସୁକତା। ତାଙ୍କ ଗହଣାର ବଜେଟ କେତେ ହେବ ତାକୁ ନେଇ ଏବେ ଚର୍ଚ୍ଚା। କାରଣ ଦୀପିକା କେବଳ ଅନ୍ଧେରୀର ଏକ ଷ୍ଟୋର୍‌ରୁ ୨୦ ଲକ୍ଷ ଟଙ୍କାର ମଙ୍ଗଳସୂତ୍ର, ରଣବୀରଙ୍କ ପାଇଁ ଏକ ୨୦ ଭରିର ଚେନ୍ ଓ ନିଜ ପାଇଁ ଏକ ଛୋଟ ନେକଲେସ୍ କିଣିଛନ୍ତି, ଯାହାର ଦାମ୍ କୋଟିଏ ଟଙ୍କା। ସେ ସେଠାକୁ ଯିବାର ଅଧଘଣ୍ଟାଏ ପୂର୍ବରୁ ଶପ୍‌କୁ ବନ୍ଦ କରିଦିଆଯାଇଥିଲା। କାରଣ ଦୀପିକା ସେଠାରେ ପହଞ୍ଚିବା ବେଳେ ଟ୍ରାଫିକ ଜାମ୍ ହୋଇଥାଆନ୍ତା। ତେଣୁ ଜୁଏଲେରି ଶପ୍ ମାଲିକ ଏପରି ପଦକ୍ଷେପ ନେଇଥିଲେ। ପୁଣି ଦୀପିକା ସେଠାରେ କେତେବେଳେ ପହଞ୍ଚି ଗହଣା ନେଇ ବାହାରି ଗଲେ ତାହାର ଟେର୍ କେହି ପାଇ ନ ଥିଲେ। ଏତିକି ଗହଣା ଯଦି କୋଟିଏରୁ ଅଧିକ ତେବେ ଦୀପିକାଙ୍କର ବାକିସବୁ ଗହଣା ମିଶିଲେ କେତେ ଦାମ ହେବ ଭାବିବାକୁ ହେବ। ଏ ସମ୍ପର୍କରେ ଦୀପିକା କୁହନ୍ତି, ମୋର ଗହଣା ସଉକ ରହିଛି। ତେଣୁ ଏହାପାଇଁ କିଛି ବଜେଟ ରଖିନି। ଯାହା ପସନ୍ଦ ଆସୁଛି କିଣୁଛି।



ଆୟୁଷ୍ମାନ



ଦୀପିକା

ପ୍ରଥମ ରୋଜଗାର



# ପ୍ରଥମ ଦରମା ବୋଉକୁ ଦେଇଥିଲି

ଗାଳ୍ପିକ ତଥା ଔପନ୍ୟାସିକ **କ୍ଷୀରୋଦ ଦାସ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ବାଲିଆଟୁବି ଗାଁରେ ମୋର ଜନ୍ମ। ପଣ୍ଡିମେଶ୍ୱର ଉଚ୍ଚ ବିଦ୍ୟାଳୟ, ବନିଟୋରୁ ୧୯୮୧ରେ ମାଟ୍ରିକ୍ ପାସ୍ କରିବା ପରେ ଜେ.କେ.ବି.କେ. କଲେଜରେ ଆଇ.ଏ. ଏବଂ ଖ୍ରୀଷ୍ଟ ମହାବିଦ୍ୟାଳୟରେ ବି.ଏ. ପଢିଥିଲି। ତା'ପରେ ପି.ଜି. କରିବା ପାଇଁ ପ୍ରସ୍ତୁତ ହେବା ସହ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟ ଦେଉଥିଲି। ସୌଭାଗ୍ୟକୁ ଚାକିରି ବି ମୋତେ ମିଳିଗଲା, ତେଣୁ ପି.ଜି. ଆଉ କରିପାରିଲି ନାହିଁ। ୧୯୮୮ ଡିସେମ୍ବର ୧୨ ତାରିଖରେ ଭୁବନେଶ୍ୱର ଏ.ଜି.(ଆକାଉଣ୍ଟାଣ୍ଟ ଜେନେରାଲ୍) ଅଫିସ୍‌ରେ କ୍ଳରିକାଲ୍ ପୋଷ୍ଟରେ ଜଏନ୍ କଲି। ମାସ ଶେଷକୁ ଯେତିକି ଦିନ କାମ କରିଥିଲି, ସେତିକି ଦିନ ବାବଦେ ସର୍ବମୋଟ ପନ୍ଦର ଶହ ସତୁରି ଟଙ୍କା ଦରମା ଆକାରରେ ପାଇଥିଲି। ଏବେକା ପରି ସେତେବେଳେ ବ୍ୟାଙ୍କ ଖାତାକୁ ଯାଉ ନ ଥିଲା ଦରମା କି ନ ଥିଲା ମଧ୍ୟ ଏଟିଏମ୍ କାର୍ଡ। ତେଣୁ ପ୍ରଥମ ଦରମା ହାତରେ ଧରି ଆସିଲାବେଳେ ଖୁସିରେ ମୋ ଆଖିରେ ଜକେଇ ଆସିଥିଲା କେଇଟୋପା ଲୁହ। ସେତେବେଳେ ମୁଁ କଟକରୁ ଭୁବନେଶ୍ୱର ଯିବା ଆସିବା କରୁଥାଏ। କିନ୍ତୁ ସେଦିନ କଟକ ନ ଯାଇ ଆଚାର୍ଯ୍ୟବିହାର ଛକରୁ ବସ୍‌ରେ ବସି ବାହାରିଲି ସିଧା ଗାଁକୁ। ଗାଁରେ ପହଞ୍ଚି ବୋଉ ହାତକୁ ବଢାଇଦେଲି ମୋର ପ୍ରଥମ ରୋଜଗାରର ଲବ୍ଧ ଅର୍ଥକୁ। ବୋଉ ଟଙ୍କାଟିକୁ ଧରିଥିବାବେଳେ ମୁଁ ଲକ୍ଷ୍ୟକଲି ତା'ର ହାତ ଓ ଓଠ ଥର ଥର ହୋଇ କମ୍ପି ଉଠୁଛି। ଠପ୍‌ଠପ୍ ହୋଇ କେଇବୁନ୍ଦା ଲୁହ ଝରିପଡିଲା ତା' ଦୁଇ ଆଖିରୁ। ତା'ପରେ ଟଙ୍କାକୁ ସେ ମୁଣ୍ଡରେ ମାରିଲା। ତା'ପରଦିନ ସକାଳୁ ସକାଳୁ ବୋଉ ମୋ ମୁଣ୍ଡରେ ଟୋପାଏ ସିନ୍ଦୂର ଲଗାଇଦେଇ କହିଲା– 'ମାନସିକ କରିଥିଲି ମହାଦେବଙ୍କ ପାଖରେ, ତୋ ଚାକିରି ପାଇଁ। ଠାକୁର ମୋ ଗୁହାରି ଶୁଣିଲେ। ତୋ ପହିଲି ଦରମା ଟଙ୍କାରୁ କୋଡିଏ ଟଙ୍କା ନେଇ ଭୋଗ କରିବା ପାଇଁ ଯାଇଥିଲି ପଣ୍ଡିମେଶ୍ୱରଙ୍କ ପାଖକୁ। ବଳକା ଟଙ୍କା ନେ...'। ସେହିଦିନ ସକାଳ ୯ଟା ବେଳକୁ ମୁଁ ବସ୍ ଧରିଲି ଭୁବନେଶ୍ୱର ଯିବା ପାଇଁ। ଓହ୍ଲାଇଲି ରଘୁନାଥପୁର ବସ୍ ଷ୍ଟପେଜ୍‌ରେ। ସେଇ ଚାକୁଣ୍ଡା ଗଛ ମୂଳରେ ହାତରେ ବେଲାଟିଏ ଧରି, ଆଖିରେ ଅଯୁତ ଯୁଗର ଶୂନ୍ୟତା ଭରି ବସି ରହିଥିଲା ମୋ ପ୍ରଥମ ଗଳ୍ପର ନାୟିକା। ଯାହାର ବାପା...ଏ ବାପା...ବାପା... ପରି କରୁଣ ମରମଘେନା ସ୍ୱର ଏକଦା ମୋ ଛାତି ଭିତରେ ସୃଷ୍ଟି କରିଥିଲା ଅନନ୍ତ ଶୂନ୍ୟତା। ଆଉ ଯାହାର ରୂପଭେକ ମୋ ଭିତରେ ସୃଜନର ପହିଲି ବୀଜ ବପନ କରିଥିଲା ଏବଂ ଯାହା ପାଇଁ ସୃଷ୍ଟି ହୋଇଥିଲା ମୋର ପ୍ରଥମ ଗଳ୍ପ 'ଯନ୍ତ୍ରଣା' (ଯାହା ପ୍ରକାଶିତ ହୋଇଥିଲା ଧରିତ୍ରୀ ଖବରକାଗଜର ସୃଜନିକା ପୃଷ୍ଠାରେ)। ସେଦିନ ସେହି ବୁଢୀର ବେଲାରେ ଥୋଇଦେଲି ଶହେ ଟଙ୍କାର ନୋଟ୍ ଖଣ୍ଡେ। ଜୁଳୁଜୁଳୁ ଦୁଇଟି ପେଜୁଆ ଆଖିରେ ବୁଢୀ ମୋତେ ଦଣ୍ଡେ ଚାହିଁଲା। ମୋର କହିଦେବାକୁ ଇଚ୍ଛା ହେଉଥିଲା– ମୋ ଜୀବନର ଗତିପଥ ବଦଳେଇ ଦେଇଥିବା...ମୋତେ ସୃଜନର ପହିଲି ପୁଲକ ଅନୁଭବ କରାଇଥିବା...ମୋ ମଣିଷ ଜୀବନକୁ ସାକାର କରାଇଥିବା ତୋ'ପରି ପ୍ରିୟତମ ମଣିଷଟି ପାଇଁ ଏ ଛାର ଶହେ ଟଙ୍କା କ'ଣ, ସାରା ସଂସାରର ସମସ୍ତ ଐଶ୍ୱର୍ଯ୍ୟ ମଧ୍ୟ ଅକୁଳାଣ। ତେବେ ସେ ଯାହା ହେଉ 'ଯନ୍ତ୍ରଣା' ଗପଟି ମୋତେ ଏତେ ଲୋକପ୍ରିୟତା ଆଣିଦେଲା ଯେ, ଏହାପରେ ମୁଁ ଗୋଟେ ପରେ ଗୋଟେ ଗପ ଲେଖିବା ଆରମ୍ଭ କରିଦେଲି। ଯା'ଭିତରେ ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଗପ ବିଭିନ୍ନ ଖବରକାଗଜ ଓ ମାଗାଜିନ୍‌ରେ ପ୍ରକାଶ ପାଇସାରିଲାଣି। ୧୫ ଟି ଗଳ୍ପ ସଂକଳନ ଏବଂ ୩ଟି ଉପନ୍ୟାସ ପୁସ୍ତକ ବି ମୋର ବାହାରି ସାରିଲାଣି। ସେହିପରି ୫ଟି ପୁସ୍ତକ ସଂପାଦନା ମଧ୍ୟ କରିସାରିଲିଣି। ବର୍ତ୍ତମାନ ଏ.ଜି. ଅଫିସ୍‌ରେ ସିନିୟର୍ ଆକାଉଣ୍ଟାଣ୍ଟ ପୋଷ୍ଟରେ କାମ କରିବା ସହ ଲେଖାଲେଖି ବି ଜାରି ରଖିଛି।

# ସପନ ଅଧା ପାହିଲା ରାତି କେବେ ମିଳିବ ମୋ ମନର ସାଥୀ

**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ସ୍ୱପ୍ନରେ ଆସୁଛି। ହେଲେ ବାସ୍ତବରେ ସେ କେବେ ମୋତେ ମିଳିବ ଜାଣିପାରୁନି। କେମିତି ପାଇବି ତାହାର ଉପାୟ ବତାଇବେ କି ସାଥୀ ?

*–ସୁନୀତ କୁମାର, ବାଲେଶ୍ୱର*

**ଉତ୍ତର:** "ସପନ ଅଧା ପାହିଲା ରାତି,କେବେ ମିଳିବ ମୋ ମନର ସାଥୀ।" ଏପରି ଧାଡିଟିଏ ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ପ୍ରେମ କରିବା ପୂର୍ବରୁ ତରତର ହେଲେ କିଛି ଲାଭ ନାହିଁ। କାରଣ କେତେବେଳେ ଏମିତି ଏକ ଘଟଣା ଘଟିବ ଯାହା ସବୁ ଗଣିତକୁ ଓଲଟ ପାଲଟ କରିଦେବ। ହେଲେ ଏପରି ସମୟ ଆସିବ ଆପଣ କେବେ ଭାବି ନ ଥିବେ, କିନ୍ତୁ ଆପଣଙ୍କ ମନର ମାନସୀ ଆସି ସାମନାରେ ଉଭା ହୋଇଯିବ। ତେଣୁ ବ୍ୟସ୍ତ ନ ହୋଇ ଅପେକ୍ଷା କରନ୍ତୁ। ଧୈର୍ଯ୍ୟହରା ହୁଅନ୍ତୁ ନାହିଁ। ଦେଖିବେ ଯାହା ଚାହୁଁଛନ୍ତି ହୁଏତ ହଠାତ୍ ଆପଣଙ୍କୁ ମିଳିଯାଇପାରେ।

**ପ୍ରଶ୍ନ**–ମୁଁ ମନେ ମନେ ଜଣେ ଝିଅକୁ ମନ ଦେଇଛି, ହେଲେ ସେ ମୋ ପାଇଁ ଠିକ୍ କି ନୁହେଁ କେମିତି ଜାଣିବି ?

*–ଏସ.କେ. ସାହୁ, ନୟାଗଡ଼*

**ଉତ୍ତର:** ମନେ ମନେ ଲଭ୍ ଭାରି ଡେଞ୍ଜର। ସବୁବେଳେ ବାସ୍ତବତାକୁ ନେଇ ପ୍ରେମ କରନ୍ତୁ। ଯଦି କେବେ ସେ ଝିଅକୁ ସାମନା କରନ୍ତି ତେବେ ବେଳକାଳ ଦେଖି ମନର କଥା କୁହନ୍ତୁ। ଏମିତି ମନେ ମନେ ହଜାରେ ସୁନ୍ଦରୀଙ୍କୁ ପ୍ରେମ କଲେ ମନକୁ ସିନା କ୍ଷଣିକ ଆନନ୍ଦ ମିଳେ ହେଲେ ତାହା ଦୀର୍ଘ ସ୍ଥାୟୀ ନୁହେଁ। ତେଣୁ ଯାହାକୁ ମନ ଦେଇଛନ୍ତି ତା' ମନ ଜିଣିବାକୁ ଚେଷ୍ଟା କରନ୍ତୁ। ଏମିତି ଏକତରଫା ପ୍ରେମର ଯେତେ ଶୀଘ୍ର ଦି ଏଣ୍ଡ କରନ୍ତୁ।

**ପ୍ରଶ୍ନ**–ଆଜିକାଲିର ଯୁବପିଢ଼ି ସୋସିଆଲ ମିଡିଆରେ ଅଧିକ ସମୟ ବ୍ୟସ୍ତ ରହୁଛନ୍ତି। କାହିଁକି ?


*–ତଥାଗତ ସାହୁ, ଅମରପାଲି (ମଝିସାହି), ବୀରମହାରାଜପୁର, ସୋନପୁର*

**ଉତ୍ତର:** ଆଜିକାଲି ହାଇଟେକ୍ ଯୁଗ। ବର୍ତ୍ତମାନ ସୋସିଆଲ ମିଡିଆର ଗୁରୁତ୍ୱ କେତେ ତାହା ଆମେ ଜାଣିବା ଦରକାର। ହେଲେ କେତେକ ଏହାର ଦୁରୁପଯୋଗ କରୁଛନ୍ତି, ଯାହାର ଫଳାଫଳ କ'ଣ ହେଉଛି ତାହାର ଅନେକ ନଜିର ରହିଛି। ବିଭିନ୍ନ ବିଷୟରେ ଜାଣିବାକୁ ଏହା ଏକ ଉତ୍ତମ ମାଧ୍ୟମ। ତେଣୁ ଯୁବପିଢ଼ି ସେଥିରେ ନିଜକୁ ନିୟୋଜିତ କରି ରଖିବା କିଛି ଭୁଲ ନୁହେଁ। ହେଲେ ନିଜର ସ୍ୱାର୍ଥ ସାଧନ ପାଇଁ ଏହାର ବ୍ୟବହାର ନ ହେବା ଉଚିତ।

**ପ୍ରଶ୍ନ**–ମୋ ପ୍ରେମିକା ଅନେକ ସମୟରେ ମୋତେ ସନ୍ଦେହ କରୁଛି। ତାକୁ ଯେତେ ବୁଝାଇଲେ ମଧ୍ୟ ସେ ଏଭଳି ମାନସିକତାରୁ ନିଜକୁ ଅଲଗା କରିପାରୁନାହିଁ। କ'ଣ କରିବି ?

*–ଆଶୁତୋଷ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ପ୍ରେମରେ ସନ୍ଦେହ ଭାରି ଭୟାନକ। ଯେତେବେଳେ ଏଭଳି ଭାଇରସ ନିଜର କାୟା ବିସ୍ତାର କରେ ସେତେବେଳେ ପ୍ରେମ ସ୍ୱାଦହୀନ ହୋଇଯାଏ। ସେଭଳି ପ୍ରେମକୁ ଭରସା କରିବା କେତେଦୂର ଠିକ୍ ତାହା ପ୍ରଥମେ ନିଜେ ଭାବନ୍ତୁ। କ'ଣ ପାଇଁ ଆପଣଙ୍କ ପ୍ରେମିକା ଆପଣଙ୍କୁ ସନ୍ଦେହ କରୁଛନ୍ତି ତାହା ପ୍ରଥମେ ଜାଣନ୍ତୁ। ଯଦି ତା' ପଛରେ ସେମିତି କିଛି କାରଣ ଅଛି ତେବେ ତୁରନ୍ତ ତାହାର ସମାଧାନ କରନ୍ତୁ। ଯଦି କିଛି କାରଣ ନାହିଁ ଏବଂ ଅଯଥାରେ ଏଭଳି ସମସ୍ୟା ସୃଷ୍ଟି ହେଉଛି ତେବେ ଏ ନେଇ କ'ଣ ନିଷ୍ପତ୍ତି ନେବେ ନିଜେ ଚିନ୍ତା କରନ୍ତୁ।



ସାଥୀ



# ପ୍ରାକୃତିକ ଚିକିତ୍ସା





ଏମିତି କିଛି ଚିକିତ୍ସାପଦ୍ଧତି ରହିଛି ଯାହାର ପାର୍ଶ୍ୱପ୍ରତିକ୍ରିୟା ନାହିଁ କହିଲେ ଚଳେ। ଏଥିରେ ଚିକିତ୍ସା ପାଇଁ କେବଳ ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣର ଉପଚାରରେ ହିଁ ବିଭିନ୍ନ ରୋଗର ଉପଚାର କରାଯାଇଥାଏ।

ରୋଗର ଉପଶମ ପାଇଁ ରୋଗୀକୁ ବିଭିନ୍ନ ଚିକିତ୍ସା ପଦ୍ଧତିର ସାହାଯ୍ୟ ନେବାକୁ ପଡ଼ିଥାଏ। ଅନେକ ସମୟରେ ରୋଗୀ ଖର୍ଚ୍ଚାନ୍ତ ହେବା ସହିତ ଏହାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ବିଭିନ୍ନ ସମସ୍ୟା ଭୋଗିଥାଏ। କିନ୍ତୁ ଏମିତି କିଛି ଚିକିତ୍ସାପଦ୍ଧତି ରହିଛି ଯାହାର ପାର୍ଶ୍ୱପ୍ରତିକ୍ରିୟା ନାହିଁ କହିଲେ ଚଳେ। ଏଥିରେ ଚିକିତ୍ସା ପାଇଁ କେବଳ ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣର ଉପଚାରରେ ହିଁ ବିଭିନ୍ନ ରୋଗକୁ କିପରି ଦୂର କରାଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଥାଏ।

ପ୍ରାକୃତିକ ଚିକିତ୍ସା ପଦ୍ଧତିରେ ରୋଗୀଙ୍କ ଚିକିତ୍ସାସେବା କେଉଁ ଆବହମାନ କାଳରୁ ହିଁ ପ୍ରଚଳିତ ରହିଛି । ଏପରି କି ଅନେକ ଉପଚାର ପଦ୍ଧତି ରହିଛି। ଆଧୁନିକ ଯୁଗରେ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ଥିଲେ ବି ଏହି ଚିକିତ୍ସାସେବା ସ୍ୱତନ୍ତ୍ର। ଏହାର ଚାହିଦା ବି ରହିଛି। ଏମିତି ପ୍ରାକୃତିକ ଚିକିତ୍ସା ପଦ୍ଧତିରେ ରୋଗୀଙ୍କୁ ଚିକିତ୍ସା କରୁଥିବା ବୈଦ୍ୟଙ୍କ ସାଧନାର କେନ୍ଦ୍ର ଦେଖିବାକୁ ମିଳେ ଆମ ରାଜଧାନୀ ଭୁବନେଶ୍ୱରରେ। ଏଠାକୁ ସକାଳୁ ସନ୍ଧ୍ୟା ମଧ୍ୟରେ ବିଭିନ୍ନ ସ୍ଥାନରୁ ବହୁ ରୋଗୀ ଆସୁଥିବା ଦେଖିବାକୁ ମିଳେ। ତେବେ ଏଭଳି ଚିକିତ୍ସାକୁ ଆପଣେଇଥିବା ଜଣେ ବୟସ୍କ ବ୍ୟକ୍ତି ପ୍ରାୟ ୪୨ବର୍ଷଧରି ନିଜ ଉଦ୍ୟମରେ ଏହାକୁ ବଞ୍ଚାଇ ରଖିଛନ୍ତି। ସେ ହେଲେ ଗୁରୁଚରଣ ଜେନା। ପିତାଙ୍କ ନାମ ଭାବଗ୍ରାହୀ ଜେନା ଓ ମା' ଚନ୍ଦ୍ରକାନ୍ତି। ଘର କଟକସଦର ଅନ୍ତର୍ଗତ ବ୍ରାହ୍ମଣବାଡ଼ ଗାଁରେ । ତାଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ ହୁଏ ଗାଁ ପ୍ରାଥମିକ ସ୍କୁଲରେ। ତା' ପରେ ସେ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟରୁ ଦଶମଶ୍ରେଣୀ ପାସ୍‌କରି ଜାମସେଦପୁରର ଟାଟା ମହାବିଦ୍ୟାଳୟରେ ଯୁକ୍ତଦୁଇବିଜ୍ଞାନ ପଢିଲେ। ପରେ ଓଡ଼ିଶାକୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ପାଠ ପଢି କୃଷିବିଜ୍ଞାନ ଗବେଷକ ସହାୟକ ଭାବେ ଚାକିରି ଆରମ୍ଭ କଲେ । ମାତ୍ର ୨୦୦୯ ମସିହାରେ ସେ ଅବସର ନେଲେ କିନ୍ତୁ ୧୯୯୫ମସିହାରେ ପୂର୍ବରୁ ଗୋରଖପୁର ଠାରେ ଥିବା ପ୍ରାକୃତିକ ଚିକିତ୍ସା କେନ୍ଦ୍ରରେ ସେ ଏହି ପାଠ୍ୟକ୍ରମରେ ତାଲିମ ନେଇଥିଲ ଏହା ୭ଦିନ/୧୫ଦିନ ଏବଂ ମାସମାସଧରି ଚାଲିଥାଏ। ନିର୍ଦ୍ଦିଷ୍ଟ ସମୟରେ ଟ୍ରେନିଂ ଶିବିରରେ ଯୋଗଦେଇ ସେ ପ୍ରାକୃତିକ ଚିକିତ୍ସା ଶିକ୍ଷାଲାଭ କରିଥିଲେ। ଏବେ ସେ ଭୁବନେଶ୍ୱର ସୂର୍ଯ୍ୟନଗର ସ୍ଥିତ ଦୁର୍ଗାମଣ୍ଡପ ଠାରେ ରହିଆସୁଛନ୍ତି। ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏକ ପ୍ରାକୃତିକ ଚିକିତ୍ସା ଓ ପ୍ରଶିକ୍ଷଣ କେନ୍ଦ୍ର ଚଳାଉଛନ୍ତି । ଏଠାରେ ତାଙ୍କସହ ଆଉ କେତେଜଣ ସଦସ୍ୟ ରହିଛନ୍ତି। ସକାଳୁ ସନ୍ଧ୍ୟାଯାଏ ଚାଲେ ଏଠାରେ ବିଭିନ୍ନ ପ୍ରାକୃତିକ ଚିକିତ୍ସାସେବା ତାଲିମ । ଗୁରୁଚରଣ କୁହନ୍ତି, କୃଷିଗବେଷକ ଭାବେ ଚାକିରିରୁ ଅବସରନେଲା ପରେ ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଆରୋଗ୍ୟ ମନ୍ଦିର ଚିକିତ୍ସାସଂସ୍ଥାରୁ ନେଚରୋପାଥିରେ ଡିଗ୍ରୀ ହାସଲ କରିଥିଲି। ଲୋକଙ୍କ ପାଖରେ ଏହି ବିଦ୍ୟାକୁ ସହଜରେ ପହଞ୍ଚାଇବାକୁ ଏହି ପ୍ରାକୃତିକ ଚିକିତ୍ସା ଉପରେ ସର୍ବଦା ଗବେଷଣା କରିଥାଏ। ଏପରି କି ରୋଗୀମାନଙ୍କୁ ସେମାନଙ୍କ ରୋଗର ଚିକିତ୍ସା ନିମନ୍ତେ କେତେକ ଖାଦ୍ୟ ଉପରେ ପଥ୍ୟ ପାଇଁ ବିଭିନ୍ନ କଟକଣା କରାଯାଇଥାଏ। ଏହି ପ୍ରାକୃତିକ ଚିକିତ୍ସା କେନ୍ଦ୍ରରେ ମାଟି, ପାଣି, ପବନ, ସୂର୍ଯ୍ୟକିରଣ ଓ ଆକାଶପରି ପଞ୍ଚତତ୍ତ୍ୱ ନିୟମରେ ଚିକିତ୍ସାକାର୍ଯ୍ୟ କରାଯାଉଥିବାବେଳେ ରୋଗୀଙ୍କୁ କିଛି ଘରୋଇ ଖାଦ୍ୟର ପଥ୍ୟ ବ୍ୟବହାରକୁ ନେଇ ଚିକିତ୍ସା କରାଯାଇଥାଏ। ବିଶେଷକରି ମଧୁମେହ, ହୃଦ୍‌ରୋଗ, ରକ୍ତଚାପ, ଆଣ୍ଠୁଗଣ୍ଠିବିନ୍ଧା, ମେଦବହୁଳତା ଏବଂ କର୍କଟ ଭଳି ଦୁରାରୋଗ୍ୟବ୍ୟାଧିର ଚିକିତ୍ସା ପାଇଁ ସମୟ ସାରଣୀ ବୃଦ୍ଧି ଘଟିଥାଏ। ଏହି ଚିକିତ୍ସା ଦ୍ୱାରା ଅନେକ ରୋଗୀ ଉପକୃତ ହୋଇଥାନ୍ତି। ପ୍ରତ୍ୟେକ ଦିନ ପ୍ରାୟ ସୂର୍ଯ୍ୟ ଉଦୟ ପୂର୍ବରୁ ଦିନ ସାଢେ ୧୧ଟା ଯାଏ ଏବଂ ଅପରାହ୍ଣ ସାଢେ ୪ଟାରୁ ସନ୍ଧ୍ୟାଯାଏ ଚିକିତ୍ସା କାର୍ଯ୍ୟ ଚାଲେ। ନିଜ ସାମର୍ଥ୍ୟ ଅନୁସାରେ ରୋଗୀମାନେ ସହଯୋଗ ରାଶି ପ୍ରଦାନ କରିଥାନ୍ତି । ଏଠାରେ ଫଳରସ, ସବୁଜ ପନିପରିବା, କ୍ଷୀର, ସନ୍ତୁଳିତ ଆହାର ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ। ରୋଗ ଭଲକରିବା ପାଇଁ ରୋଗୀଙ୍କ ଦେହରେ ରହିଥିବା ବିଷାକ୍ତ ଦ୍ରବ୍ୟକୁ ଶୋଷିବା ପାଇଁ ମାଟି ଦ୍ୱାରା କେତେକ ଚିକିତ୍ସାସେବା କରାଯାଇଥାଏ। ତେଣୁ ପ୍ରାୟ ରୋଗର ପ୍ରତିକାର ପାଇଁ ମାଟିର ଉପଚାର ବ୍ୟବହାର କରାଯାଇଥାଏ । ତେବେ ଗୁରୁଚରଣଙ୍କ ଏହି ଚିକିତ୍ସା କେନ୍ଦ୍ରକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନେ ଆସିଥାନ୍ତି । ଏପରି କି କେତେଜଣ ମଧ୍ୟ ତାଲିମ ବି ନେଇଥାନ୍ତି। ଏଭଳି ଚିକିତ୍ସାକେନ୍ଦ୍ରରେ ଅନେକ ସାଧାରଣ ଗରିବ ଲୋକ ଉପକାର ପାଇଥାନ୍ତି। ଏଥିପାଇଁ ଗୁରୁଚରଣଙ୍କ ଏହି ପ୍ରାକୃତିକ ଚିକିତ୍ସା ପଦ୍ଧତିର ଲୋକପ୍ରିୟତା ଦିନକୁଦିନ ବଢିବାରେ ଲାଗିଛି। ଏଥିପାଇଁ ଗୁରୁଚରଣଙ୍କୁ ପ୍ରାକୃତିକ ଚିକିତ୍ସାସେବା ନିମନ୍ତେ ଅଟଳ ସମାଜସେବୀ ସମ୍ମାନ-୨୦୧୬ ସମେତ ବିଭିନ୍ନ ପୁରସ୍କାର ମିଳିଛି।

-ବନବିହାରୀ ବେହେରା

# ଚକୋଲେଟ ଜରିରେ ନିର୍ମିତ ପୋଷାକ



ଦିନକୁ ଦିନ ଫ୍ୟାଶନର ପରିଭାଷା ବଦଳିବାରେ ଲାଗିଛି। ନୂଆ ନୂଆ କନ୍‌ସେପ୍ଟ ଏବଂ ଥିମ୍‌କୁ ନେଇ ପୋଷାକ ପ୍ରସ୍ତୁତ କରାଯାଉଛି। ତେବେ ଚକୋଲେଟ ଜରିକୁ ବ୍ୟବହାର କରି ଚିକାଗୋର କାଣ୍ଡିଆଲିଟି ସ୍ୱିଟ ଶପ୍ ପ୍ରସ୍ତୁତ କରିଛନ୍ତି କିଛି ପୋଷାକ। ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ। ଟେରେସା ମାକ୍‌ଡୋନାଲ୍ଡ ନାମକ ଜଣେ ମହିଳା ବିଗତ କିଛିବର୍ଷ ଧରି ଚକୋଲେଟ ଜରିରେ ପ୍ରସ୍ତୁତ କରୁଛନ୍ତି ଡ୍ରେସ୍, ବ୍ୟାଗ ଏବଂ ଜୋତା। କେବଳ ଜରି ନୁହେଁ ଟେରେସା ବିଭିନ୍ନ କ୍ୟାଣ୍ଡିକୁ ବ୍ୟବହାର କରି ମଧ୍ୟ ପୋଷାକ ପ୍ରସ୍ତୁତ କରିଛନ୍ତି ଯାହା ଗ୍ରାହକମାନଙ୍କୁ ବେଶ୍ ଆକର୍ଷିତ କରୁଥିବାର ଦେଖାଯାଉଛି।








## ହାଃ..ହାଃ..

### ଭଲ ପାଇବ

ପ୍ରେମିକା ପ୍ରେମିକକୁ– ବାହାଘର ପରେ ବି ତମେ କ'ଣ ମତେ ଏତେ ଭଲ ପାଇବ ?
ପ୍ରେମିକ– ତାହା ତୁମ ସ୍ୱାମୀଙ୍କ ଉପରେ ନିର୍ଭର କରିବ । ସେ ଯଦି ଚାହିଁବେ ତା'ହେଲେ ନିଶ୍ଚୟ ପାଇବି ।

### ବିଉଟିଫୁଲ୍

ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍ ବିପ୍ କଲା । ସ୍ୱାମୀ ଚେକ୍ କରି ଦେଖିବା ପରେ ଖୁବ୍ ରାଗିଗଲେ । ଆଉ ସ୍ତ୍ରୀଙ୍କୁ ଉଠାଇ– ତମକୁ କିଏ ଏତେ ରାତିରେ ବିଉଟିଫୁଲ୍ ଲେଖି ପଠେଇଛି ? ସ୍ତ୍ରୀ ମୋବାଇଲ୍କୁ ଭଲରେ ଦେଖି– ଚଷମାଟା ଟିକେ ଲଗେଇକି ଦେଖ । ବିଉଟିଫୁଲ ଲେଖା ହେଇନି । ଲେଖା ହେଇଛି– 'ବ୍ୟାଟେରି ଫୁଲ୍' ।

### ଯନ୍ତ୍ରଣା

ରୋଗୀ ଡାକ୍ତରଙ୍କୁ– ଆଜ୍ଞା, ମୁଁ ଯାହାବି ପିଉଛି ଆଖିରେ ଯନ୍ତ୍ରଣା ହେଉଛି ।
ଡାକ୍ତର– ଗୋଟେ କାମ କର ପିଇବା ପୂର୍ବରୁ ଗ୍ଲାସ୍‌ରୁ ଚାମଚଟା ବାହାର କରିଦିଅ । ଆଖି ଭଲ ହେଇଯିବ ।


### ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧







# ରାଜଧେର ଦୁର୍ଗ

ରାଜଧେର ଦୁର୍ଗ ମହାରାଷ୍ଟ୍ରର ଏକ ପ୍ରାଚୀନ ଦୁର୍ଗ ଅଟେ, ଯାହା ନାସିକ ଜିଲାର ଚାନ୍ଦୱାଡଠାରୁ ପ୍ରାୟ ୧୦ କି.ମି. ଦୂରରେ ଅବସ୍ଥିତ। କେହି କେହି ଏହାକୁ ରାଜଦେହେର ଦୁର୍ଗ ବୋଲି ବି ସମ୍ବୋଧନ କରିଥାନ୍ତି। ତଥ୍ୟ ଅନୁଯାୟୀ, ଏହି ଦୁର୍ଗର ନିର୍ମାଣ କୁଆଡେ ସହସ୍ରାଧିକ ବର୍ଷ ପୂର୍ବେ କରାଯାଇଥିଲା। ସମୟକ୍ରମେ ଏହି ଦୁର୍ଗଟି ଅନେକ ଶାସକଙ୍କ ଅଧୀନରେ ରହିଆସିଛି। ରାଜା ମହାରାଜାଙ୍କ ବ୍ୟତୀତ ଇଂରେଜମାନଙ୍କ କବଳରେ ମଧ୍ୟ ଏହି ଦୁର୍ଗ କିଛିଦିନ ରହିଥିବାର ସୂଚନା ରହିଛି।

### କ'ଣ ରହିଛି ଏଠାରେ

ଏହା ଏକ ପ୍ରାଚୀନ ଦୁର୍ଗ, ଯାହାକୁ ସମୁଦ୍ରପତ୍ତନଠାରୁ ପ୍ରାୟ ୪୪୧୦ ଫୁଟ ଉଚ୍ଚତାରେ ନିର୍ମାଣ କରାଯାଇଥିଲା। ପଥରରେ ନିର୍ମିତ ଏହି ଦୁର୍ଗଟି, ଇତିହାସରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଖାସ୍ ସ୍ଥାନ କହିଲେ ଭୁଲ୍ ହେବ ନାହିଁ। ତା'ଛଡ଼ା ପାହାଡ ଉପରେ ନିର୍ମିତ ହୋଇଥିବାରୁ ଏଠାକାର ପ୍ରାକୃତିକ ଦୃଶ୍ୟ ବି ବେଶ୍ ଆକର୍ଷଣୀୟ ଲାଗିଥାଏ। ସେହିପରି ଯେଉଁମାନେ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖନ୍ତି, ସେମାନଙ୍କ ପାଇଁ ଏଠାରେ ଟ୍ରେକିଂ ତଥା ହାଇକିଂର ବ୍ୟବସ୍ଥା ମଧ୍ୟ ରହିଛି। ଅନ୍ୟପକ୍ଷେ ଫଟୋଗ୍ରାଫିରେ ସଉକ ରଖୁଥିଲେ, ଏଠାକାର ଅନେକ ଅଦ୍ଭୁତ ଦୃଶ୍ୟକୁ ଆପଣ ନିଜ କ୍ୟାମେରାରେ ବି ସାଇତି ରଖିପାରିବେ।

### କେବେ ଯିବେ

ଖରାଦିନେ ଏଠାରେ ବହୁତ ଗରମ ଅନୁଭୂତ ହୋଇଥାଏ। ତେଣୁ ଏ ଦିନେ ଏଠାକୁ ଯିବାର ଆଦୌ ପ୍ଲାନିଂ ନ କରିବା ଭଲ। ତେବେ ଏଠାକୁ ଯିବାର ଆଦର୍ଶ ସମୟ ହେଉଛି ଅକ୍ଟୋବରରୁ ଫେବୃୟାରୀ। କାରଣ ଏହି ସମୟରେ ଏଠାକାର ପାଣିପାଗ ବେଶ୍ ଅନୁକୂଳ ଏବଂ ଆରାମଦାୟକ ରହିଥାଏ। ଫଳରେ ପର୍ଯ୍ୟଟକ ଦୁର୍ଗ ଦେଖିବା ସହିତ ଏହାର ଆଖପାଖ ଅଞ୍ଚଳ ମଧ୍ୟ ବୁଲି ଦେଖିଥାନ୍ତି। ତା'ଛଡ଼ା କେତେକ ଆଗନ୍ତୁକ ବର୍ଷାଦିନେ ବି ଏଠାକୁ ବୁଲି ଆସୁଥିବାର ନଜିର ରହିଛି। କିନ୍ତୁ ବର୍ଷାଦିନେ ଏଠାକୁ ଆସିବାର ପ୍ଲାନିଂ କରୁଥିଲେ, ସୁରକ୍ଷା ପ୍ରତି ଟିକେ ବିଶେଷ ଧ୍ୟାନ ଦେବାକୁ ହୋଇଥାଏ। କାରଣ ବର୍ଷାଦିନେ ଏଠାକାର ପାହାଡି ରାସ୍ତା ଖୁବ୍ ଖସଡ଼ା ହୋଇଥାଏ।


### କେମିତି ଯିବେ

ରାଜଧେର ଦୁର୍ଗ ନିକଟକୁ ପର୍ଯ୍ୟଟକ ପରିବହନର ତିନୋଟି ମାଧ୍ୟମରେ ଯାଇପାରିବେ। ଏଠାକାର ନିକଟତମ ବିମାନବନ୍ଦର ନାସିକ ଏୟାରପୋର୍ଟ ହୋଇଥିବାବେଳେ ନିକଟବର୍ତ୍ତୀ ଷ୍ଟେଶନ ହେଉଛି ନାସିକ ରେଲୱେ ଷ୍ଟେଶନ। ତା'ଛଡ଼ା ସଡ଼କପଥରେ ବି ଏଠାରେ ସୁବିଧାରେ ପହଞ୍ଚିହେବ। ତେବେ ପାହାଡର ପାଦଦେଶରେ ପହଞ୍ଚିଲା ପରେ, ସେଠାରୁ ଟ୍ରେକିଂ କରି କିଛି ବାଟ ଗଲେ ଯାଇ ଜଣେ ଏହି ଦୁର୍ଗ ଭିତରେ ପ୍ରବେଶ କରିପାରିବ।

### ରହିବାର ସୁବିଧା

ଚାନ୍ଦୱାଡରେ କେତୋଟି ଭଲ ହୋଟେଲ୍‌ର ବ୍ୟବସ୍ଥା ଅଛି। ଯେଉଁଠାରେ ପର୍ଯ୍ୟଟକ ରହିବା, ଖାଇବା ସହ ଦୁର୍ଗ ନିକଟକୁ ଯିବା ପାଇଁ ଟ୍ୟାକ୍ସି, ବସ୍ ଇତ୍ୟାଦିର ସୁବିଧା ପାଇପାରିବେ।

**ମହାରାଷ୍ଟ୍ରସ୍ଥିତ ନାସିକ ଏକ ପ୍ରାଚୀନ ସହର, ଯାହା ପବିତ୍ର ଗୋଦାବରୀ ନଦୀର ତଟ ଦେଶରେ ଅବସ୍ଥିତ। ଐତିହାସିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଏହି ସହରର ବେଶ୍ ପ୍ରସିଦ୍ଧି ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଏହା ବେଶ୍ ନାଁ କରିପାରିଛି। ତେଣୁ ଆଜିର ଏହି ଲେଖାରେ ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ରାଜଧେର ଦୁର୍ଗ ସମ୍ପର୍କରେ ଉଲ୍ଲେଖ କରାଗଲା...**





# ସତସତିକା ପୋର୍ଟ୍ରେଟ୍

ଟୋକିଓ ଓ ୟୋକୋହାମା ମଝିରେ ରହିଛି କାୱସାକି। ଏହା ଏକ ଜାପାନୀ ସହର। କାୱସାକି ତା'ର ଶିଳ୍ପାୟନ, ଓପନ ଏୟାର୍ ଫୋକ୍ ମ୍ୟୁଜିୟମ ସହ ସବୁଠୁ ରଙ୍ଗିନ ହାଲୋୱିନ ପାଳନ ପାଇଁ ପ୍ରସିଦ୍ଧି ହାସଲ କରିଛି। ତେବେ ଚଳିତ ବର୍ଷ ଏଇ ସହରରେ ହୋଇଥିବା ହାଲୋୱିନ ପରେଡ୍ ସାଜିଥିଲା ଆକର୍ଷଣର କେନ୍ଦ୍ର। ପ୍ରାୟ ୨୦୦୦ ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ଅନେକ ଆକର୍ଷକ ବେଶ ଧାରଣ କରିଥିଲେ। ହେଲେ ଟୋକିଓର ଆମେଜିଂ ୬ ନାମକ ଏକ ଗ୍ରୁପ୍ ଜିଣିନେଇଥିଲା ସମସ୍ତଙ୍କ ମନ। ଏହି ଗ୍ରୁପ ହେଉଛି ପ୍ରୋସ୍ଥେଟିକ୍ ମେକ୍ଅପ୍ ଓ ଫେସ୍-ବଡି ପେଣ୍ଟ କଳାକାର। ଏହି ହାଲୋୱିନ ପରେଡରେ ସେମାନେ ନିଜକୁ ପୃଥିବୀର କିଛି ଚର୍ଚ୍ଚିତ ପୋର୍ଟ୍ରେଟ୍ ରୂପରେ ରୂପାନ୍ତରିତ କରିଥିଲେ। ଆଉ ତାହା ଏତେ ବାସ୍ତବ ଲାଗୁଥିଲା ଯେ, ସମସ୍ତଙ୍କୁ ଅନୁଭବ ହେଉଥିଲା ସତେ ଯେମିତି ପ୍ରସିଦ୍ଧ ପୋର୍ଟ୍ରେଟ୍‌ଗୁଡିକ ଜୀବନ୍ତ ହୋଇଯାଇଛନ୍ତି ଓ ଚଲାବୁଲା କରୁଛନ୍ତି। ସେଥିପାଇଁ ଏହି ଗ୍ରୁପ୍ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ପୁରସ୍କାର 'ଦି ପମ୍ପକିନ୍ ଆୱାର୍ଡ' ଲାଭ କରିଥିଲା। ତା'ସହ ପୁରସ୍କାର ଆକାରରେ ୪,୪୦୦ ଡଲାର ବି ପାଇଥିଲା। ଏହି ପୋର୍ଟ୍ରେଟ୍ ମଧ୍ୟରେ ଥିଲା ଇଲିଆସ୍ ଗାର୍ସିଆ ମାର୍ଟିନେଜ୍‌ଙ୍କ ବିହୋଲ୍ଡ ଦି ମ୍ୟାନ୍, ପାବଲୋ ପିକାସୋଙ୍କ ଦି ୱିପିଂ ଓମେନ୍, ଜୋହାନ୍ସ ଭରମର୍‌ଙ୍କ ଗର୍ଲ ଉଇଥ୍ ଏ ପର୍ଲ ଇୟର ରିଂ, ଭିନସେଣ୍ଟ ଭାନ୍ ଗଗ୍‌ଙ୍କ ନିଜସ୍ୱ ପୋର୍ଟ୍ରେଟ୍, ଲିଓନାର୍ଡୋ ଦା ଭିନ୍ସିଙ୍କ ମୋନାଲିସା ଓ ଏଡଭର୍ଡ ମଞ୍ଚଙ୍କ ଦି ସ୍କ୍ରିମ୍।







## କାର୍ଟୁନ କର୍ଣ୍ଣର



# ‘ଜାଣ, ଆଜି ଆମ ଯାତ୍ରାବାଲା ଆସିଛି’

‘‘ରାତି ହେଲେ ରାଜାହୁଏ ଯାତ୍ରାବାଲା। ହେଲେ ଦିନ ଆଲୁଅରେ ଖର୍ଚ୍ଚ କରିବା ପାଇଁ ପକେଟ୍‌ରେ ତା’ର ପଇସା ନ ଥାଏ। ସେଥିଲାଗି ୬ମାସ କି ବର୍ଷକରେ ଥରେ ସେ ଘରକୁ ଯାଏ ସିନା। ଫେରିବା ବେଳକୁ କିନ୍ତୁ ଯାତ୍ରାବାଲାର କ୍ଷମତା ନ ଥାଏ ଘରେ ତେଲଲୁଣ କିଣିବା ନିମନ୍ତେ କାହା ହାତରେ ଦି’ପଇସା ଦେଇ ଆସିବା ପାଇଁ।’’ ୟେ ହେଉଛି ଜଣେ ସ୍ୱାଭିମାନୀ ଯାତ୍ରାବାଲାର ଛାତିତଳର କଥା। ସେ ଯାତ୍ରାବାଲା ଆଉ କେହି ନୁହନ୍ତି; ସେ ହେଉଛନ୍ତି ବିଗତଦିନର ବହୁ ଲୋକପ୍ରିୟ ନାଟକର ନାଟ୍ୟକାର ତଥା ଆଜିର ସଫଳ ପରିଚାଳକ ବଙ୍କିମ ସ୍ୱାଇଁ। ‘ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ’ ଭଳି ବହୁ ଜନାଦୃତ ନାଟକର ନାଟ୍ୟକାର କ’ଣ ସତରେ ଜଣେ ପରିଚାଳକର ପରିଚୟ ନେଇ ସନ୍ତୁଷ୍ଟ ? ଯଦି ହଁ, ତା’ହେଲେ କାହିଁକି ଓ କେମିତି ? ଏମିତି ଏକ ପ୍ରଶ୍ନକୁ ଯେମିତି ଅପେକ୍ଷା କରିଥିଲେ ବଙ୍କିମବାବୁ। ବାସ୍, ମୌସୁମୀ ବର୍ଷା ଭଳି ବର୍ଷିଗଲେ, ବେଶ୍ ଓଦାଓଦା ସ୍ୱରରେ।

ପଢ଼ା ସରିବା ପରେ ଚାକିରି ଜରୁରୀ ହୋଇପଡ଼େ ବଙ୍କିମ୍‌ଙ୍କ ପାଇଁ। ହେଲେ ଘୁଷ୍ ନାହିଁ ତ ଚାକିରି ନାହିଁ। ଘରର ଜମି ବିକି ବିଶ୍ୱାସ କରି ଟଙ୍କା ଦିଅନ୍ତି। ଚାକିରି ତ ମିଳେନି। ମିଳେ ଧୋକ୍‌କା। ଦାମନଯୋଡ଼ି ଯାଇ ଲାର୍ସନ–ଟ୍ୟୁବ୍ରୋରେ ଷ୍ଟୋର କିପର ହୁଅନ୍ତି। ବିହାରୀ–ଓଡ଼ିଆଙ୍କ କଳି ପାଇଁ ତାଙ୍କୁ ସେଠୁ ଚାଲି ଆସିବାକୁ ପଡ଼େ। ଡେରାବିଶର ଏକ କୋଅପରେଟିଭ୍ ସୋସାଇଟିରେ କାମ ମିଳେ। ମାତ୍ର ତାଙ୍କର ସ୍ୱାଧୀନ ତଥା ସ୍ୱାଭିମାନୀ ମନ ସେଠାରେ ତିଷ୍ଠି ପାରେନା। ସେ ଆସି ଯୋଗ ଦିଅନ୍ତି କେନ୍ଦ୍ରାପଡ଼ାର ବଳଦେବ ଜୀଉ ଗଣନାଟ୍ୟରେ। ଖୁବ୍ ଭଲ ଚେହେରା। ପୁଣି ଡ୍ରାମାର ଏକ୍ସପେରିଏନ୍ସ – ସେ ନାୟକ ଭାବେ ଅଭିନୟ କରନ୍ତି। ଆଉ ବନି ଯାଆନ୍ତି ‘ଯାତ୍ରାବାଲା’।

୧୯୮୭/୮୮ର କଥା। ତାଙ୍କୁ କେହିଜଣେ ଯେମିତି କହିଲା, ତୋ ପାଠର କ’ଣ କୌଣସି ମୂଲ୍ୟନାହିଁ। ଅନ୍ୟମାନଙ୍କ ଭଳି ତୁ କେବଳ ମୁହଁରେ ରଙ୍ଗବୋଳି ସନ୍ତୁଷ୍ଟ ହୋଇଯିବୁ।

ଆଗରୁ ରେଡ଼ିଓ ନାଟକ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ। ତେଣୁ ନିଷ୍ପତ୍ତିନେଲେ ନାଟକ ଲେଖିବେ। ପ୍ରଥମଥର ପାଇଁ ବଳଦେବ ଜୀଉ ଗଣନାଟ୍ୟ ପାଇଁ ଲେଖିଲେ ନାଟକ ‘ବାଘ ବଜାରୀ ଖେଳ’। ଅଭିନୟ ବି କଲେ। ଏହାପରେ ଆସିଲେ ‘ସାହାଣୀ ଅପେରା’। ସାହାଣୀରେ ସେ



ବଙ୍କିମ ସ୍ୱାଇଁ

> ମୁଁ ଗୋଟେ ଯାତ୍ରାବାଲା ବୋଲି ଗାଁଲୋକେ ନାକ ଟେକୁଥିଲେ। ମୁଁ ଦିନରେ ଘରକୁ ଯାଉ ନ ଥିଲି। ରାତିହେଲେ ସାରୁବଣ ଭିତର ଦେଇ ଘରକୁ ଯାଉଥିଲି। ବୋଉ ମୋର କବାଟ ଖୋଲି ବିଶ୍ୱାସ ନ କରିବା କଣ୍ଠରେ ପଚାରୁଥିଲା– ତୁ ଆସିଛୁ?

ଅଭିନୟ ତ କଲେ। ନାଟକ ବି ଲେଖିଲେ। ସେଠାରେ ସେ ଲେଖିଥିଲେ ତାଙ୍କର ସବୁଠୁ ଅଧିକ ଲୋକପ୍ରିୟ ନାଟକ ‘ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗା ସିଲଟ’। ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ଓ ନୃତ୍ୟ ନିର୍ଦ୍ଦେଶକ ନବ ମିଶ୍ରଙ୍କୁ ରାତାରାତ ପ୍ରସିଦ୍ଧ କରିଦେଇଥିଲା ଏହି ନାଟକ। ଏହାପରେ ସେ ସେହି ଅନୁଷ୍ଠାନ ପାଇଁ ଲେଖିଲେ ‘ଧନ୍ୟ ସେ ମା’ ଧନ୍ୟ ସେ ମାଟି’, ‘ଶୁଭ ସାହାନାଇ ବିଷ କଳସ’, ‘ହୁଳୁହୁଳି ଦିଅ ଭାଉଜ ରାଣୀ’, ‘ଜହ୍ନ ହଜିଗଲା ପୂନେଇଁ ଦିନ’। ତାଙ୍କର ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ‘ଜଗଜ୍ଜନନୀ’ର କଣ୍ଢେଇ ଦେଇ ଭଣ୍ଡେଇ ଦେଲୁ ଓ ମୋ ଛବି ବହି, ଧଉଳି ଗଣନାଟ୍ୟର ‘ବୋହୂ ମୋର ଠିକ୍ କରିଛି’, ଜନତା ଗଣନାଟ୍ୟରେ ‘ଯେମିତି ଦିଅଁକୁ ସେମିତି ପୂଜା’ ଓ ‘ମାମୁ ମତେ ମାଇଲେ’ ଏବଂ ସୁଦାମବତୀ ଅପେରାର ‘ବେଇମାନ’ ନାଟକ ବେଶ୍ ଲୋକାଦୃତ। ଏହି ବେଇମାନ ନାଟକ ତାଙ୍କର ଥିଲା ଶେଷ ନାଟକ। କାରଣ ସୁଦାମବତୀକୁ ପାଞ୍ଚଜଣ ମାଲିକ କିଣିନେଲେ। ‘ସୁଦାମବତୀ’ ପରିଣତ ହେଲା ‘ପଞ୍ଚସଖା ଗଣନାଟ୍ୟ’ରେ। ପଞ୍ଚସଖାର ପାଞ୍ଚମାଲିକ ତାଙ୍କୁ ପ୍ରଥମଥର କରି ନାଟ୍ୟ ପରିଚାଳକର ଦାୟିତ୍ୱ ଦେଲେ ଓ ମୋଟା ଅଙ୍କର ପାରିଶ୍ରମିକ ପ୍ରସ୍ତାବ ମଧ୍ୟ ଦେଲେ। ବଙ୍କିମ୍ କହନ୍ତି : ‘କୋଡ଼ିଏ ବର୍ଷ ଧରି ନାଟକ ଲେଖି, ଅଭିନୟ କରି ମୁଁ କିଛି ପାଇ ନ ଥିଲି। ଜୀବନ ଆଉ ଜୀବିକାର ଦାୟ ମୋତେ ବାଧ୍ୟକଲା ମୋ କଲମକୁ ବନ୍ଦ କରିଦବା ଲାଗି।’

‘‘କାହିଁକି କଲମ ବନ୍ଦ କରିବିନି! ଦିନକୁଦିନ ଘରର ଦାରିଦ୍ର୍ୟ ବଢୁଥିଲା। ମୁଁ ଗୋଟେ ଯାତ୍ରାବାଲା ବୋଲି ଗାଁଲୋକେ ନାକ ଟେକୁଥିଲେ। ମୁଁ ଦିନରେ ଘରକୁ ଯାଉ ନ ଥିଲି। ରାତିହେଲେ ସାରୁବଣ ଭିତର ଦେଇ ଘରକୁ ଯାଉଥିଲି। ବୋଉ ମୋର କବାଟ ଖୋଲି ବିଶ୍ୱାସ ନ କରିବା କଣ୍ଠରେ ପଚାରୁଥିଲା– ତୁ ଆସିଛୁ ? ମୋ ସ୍ତ୍ରୀ ତା’ ଯାଆମାନଙ୍କୁ କହୁଥିଲା: ଜାଣ, ଆଜି ଆମ ଯାତ୍ରାବାଲା ଆସିଛି। ଝିଅ ମୋତେ ଚିହ୍ନି ନ ପାରି ଡରୁଥିଲା। ମୋ ପାଖକୁ ଆସୁ ନ ଥିଲା। ମୁଁ ମୋ ପରିସ୍ଥିତିରେ ସୁଧାର ଆଣିବାକୁ ଚାହିଁଲି। ତେଣୁ ମୋ କଲମରୁ କାଳି ଶୁଖେଇ ଜଣେ ପରିଚାଳକ ବନିଗଲି। ବଙ୍କିମ୍ କହନ୍ତି : ଏବେ ବି କଲମ ଧରିଥିବା ଲୋକଙ୍କୁ ନ୍ୟାୟ ମିଳିନାହିଁ। ଯେଉଁଥିପାଇଁ ଯାତ୍ରାର ଯାତ୍ରା (ଗତି) ମନ୍ଥର। ଏକଥା କେହି ଭୁଲିବା ଉଚିତ ନୁହେଁ ଯେ, କେବଳ ଭଲ ନାଟକ ହିଁ ଯାତ୍ରାକୁ ବଞ୍ଚେଇ ପାରିବ।’’



ଲିପିନା

## ‘ରଙ୍ଗମହଲ’ର ନୂଆ ନାୟିକା

ଯାତ୍ରା ଜଗତର ଅନ୍ୟତମ ନାୟିକା ଲିପିନା ପାଳ ଏବେ ଲୋକପ୍ରିୟ ଯାତ୍ରାନୁଷ୍ଠାନ ‘ରଙ୍ଗମହଲ’ର ନୂଆ ନାୟିକା ଭାବରେ ଯୋଗଦେଇ କମାଲ୍ କରିବା ଆରମ୍ଭ କରିଦେଇଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତିକାଳୀନ ପଦକ୍ଷେପ କ୍ରମରେ ଲିପିନାଙ୍କ ଉପରେ ଯଥେଷ୍ଟ ଭରସା ରଖିଛନ୍ତି ‘ରଙ୍ଗମହଲ’ର ପ୍ରଯୋଜକ ସତ୍ୟ ଜେନା। ତାଙ୍କ ମତରେ ‘ଲିପିନା ଜଣେ ଉଚ୍ଚ ପ୍ରତିଭାସମ୍ପନ୍ନ ଅଭିନେତ୍ରୀ। ଚରିତ୍ରକୁ ନ୍ୟାୟ ଦବାରେ ସେ ମାହିର। ‘ରଙ୍ଗମହଲ’ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ସେ ବେଶ୍ ସଫଳତାର ସହିତ ତୁଲେଇପାରିବେ ବୋଲି ମୋର ବିଶ୍ୱାସ ଅଛି। ଲିପିନା ବି ଇତିମଧ୍ୟରେ ‘ରଙ୍ଗମହଲ’ ପ୍ରାୟୋଜିତ ନାଟକ ଯଥା– ‘ଅଧେ ତୋର ଅଧେ ମୋର’, ‘ବାହା ହେଇଛ ନା ବାଢୁଅ ଅଛ’, ‘ମିଛୁଆ ରାଧୁଆ ଗପ ସରିଲା’ ଏବଂ ‘କେମିତି ରାତି ସେ କେମିତି ସାଥୀ’ ଆଦିରେ ଅଭିନୟ କରି ବେଶ୍ ଦର୍ଶକୀୟ ପ୍ରଶଂସା ସାଉଣ୍ଟି ସାରିଲେଣି। ଜଗତ୍‌ସିଂହପୁରର ଓଡ଼ିଶୋଠାରେ ଜନ୍ମିତା ଲିପିନା ପ୍ରଥମେ ଜଣେ ଥିଏଟର ଆର୍ଟିଷ୍ଟ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପୂର୍ବରୁ ପାର୍ବତୀ ଆଦି ଗଣନାଟ୍ୟରେ କାମ କରି ସେ ବେଶ୍ ଅଭିଜ୍ଞତା ହାସଲ କରିଛନ୍ତି।

## ହାଇଡ୍‌ନୋରା ଆଫ୍ରିକାନା



ଏହା ଏକ ଆକର୍ଷଣୀୟ ମଲାଙ୍ଗ। ଏହାର ବାୟୋଲୋଜିକାଲ ନାମ ହେଉଛି ‘ହାଇଡ୍‌ନୋରା ଆଫ୍ରିକାନା’। ଏହା ମୁଖ୍ୟତଃ ଦକ୍ଷିଣ ଆଫ୍ରିକା ଏବଂ ସେହି ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହା ଦେଖିବାକୁ ଅତି ସୁନ୍ଦର। ଜୀବ ବିଜ୍ଞାନୀଙ୍କ ମତାନୁସାରେ ଏହା ୟୁଫୋର୍ବିସିଆ ଫ୍ୟାମିଲି ଅନ୍ତର୍ଭୁକ୍ତ। ଏହା ବାବଦରେ ସବୁଠୁ ଆକର୍ଷଣୀୟ ତଥ୍ୟ, ଏହା ମାଟିତଳେ ହିଁ ବଢ଼ିଥାଏ। ଏହାର ଭୌତିକ ଗଠନ ବେଶ୍ ଆକର୍ଷଣୀୟ ତଥା ସୁକୁମାର। ଏହାକୁ କେହିକେହି ମାଂସାଳ ଫୁଲ ବୋଲି ମଧ୍ୟ କହିଥାନ୍ତି।





ବ୍ୟାକ୍ ପେଜ୍





# ଦାମୀ ଡଲ୍ ହାଉସ୍

ସବୁଠୁ ଦାମୀ ଖେଳଣା ତଥା ଦାମୀ ଡଲ ହାଉସ୍ ଭାବେ 'ଆଷ୍ଟୋଲାଟ୍ ଡଲ୍ ହାଉସ୍ କ୍ୟାସେଲ୍' ପ୍ରସିଦ୍ଧି ହାସଲ କରିଛି। ଏହାର ମୂଲ୍ୟ ହେଉଛି ୮.୫ ମିଲିୟନ ଡଲାର। ଯାହାକି ନ୍ୟୁୟର୍କ ଏବଂ ଲଣ୍ଡନର କୌଣସି ମୁଖ୍ୟ ସ୍ଥାନରେ ଆପାର୍ଟମେଣ୍ଟର ଦାମ ସହ ସମାନ। କାରଣ ଏହାମଧ୍ୟରେ ଦେଖିବାକୁ ମିଳେ ଉଚ୍ଚକୋଟୀର ନିର୍ମାଣଶୈଳୀ, ସ୍ଥାପତ୍ୟ, ଇଞ୍ଜିନିୟରିଂ ଏବଂ ସୃଜନଶୀଳତା। ୯ ଫୁଟ ଉଚ୍ଚତା ବିଶିଷ୍ଟ ଏହି କ୍ୟାସେଲ୍ ମଧ୍ୟରେ ରହିଛି ୨୯ଟି କୋଠରି, ଛୋଟ ଆକାରର ସତସତିକା ଫାୟାର୍‌ପ୍ଲେସ୍, ଜିମ୍, ସୁଇମିଂ ପୁଲ୍, କରିଡର୍, ସିଟିଂ ଏରିଆ ଆଦି। ଏହା ବ୍ୟତୀତ ଏଥିରେ ଏକ ଅସ୍ତ୍ରାଗାର, ରୋଷେଇଘର, ୱାଇନ୍ ସେଲାର, ବେସ୍‌ମେଣ୍ଟ, ହଲ୍‌ୱେସ୍, ଷ୍ଟେୟାର୍ ୱେସ୍, ବଲ୍‌ରୁମ୍, ମ୍ୟୁଜିକ୍ ରୁମ୍, ଲାଇବ୍ରେରି ଓ ଅନେକ ଫର୍ମାଲ୍ ରୁମ୍ ରହିଛି। ଏହାର ପ୍ରତ୍ୟେକ ରୁମ୍‌କୁ ଖୁବ୍ ସୁନ୍ଦର ଭାବେ ସଜାଯାଇଛି। ତା'ମଧ୍ୟରେ ରହିଛି ଅନେକ ଛୋଟ ଛୋଟ ଆସବାବପତ୍ର, ଘରସଜ୍ଜା ସାମଗ୍ରୀ ଆଦି। ଯାହା ଲାଗେ ସମ୍ପୂର୍ଣ୍ଣ ବାସ୍ତବ ପରି। ଉକ୍ତ କ୍ୟାସେଲ୍‌ର କୋଣ ଅନୁକୋଣରେ ଦେଖିବାକୁ ମିଳେ ନିଖୁଣ କାରିଗରିର ଝଲକ। ଏହି ମାଷ୍ଟର ୱାର୍କକୁ ତିଆରି କରିବା ପାଇଁ ଲାଗିଥିଲା ୧୩ ବର୍ଷ। ଏଥିରେ ୧୦,୦୦୦ରୁ ଊର୍ଦ୍ଧ୍ୱ ହାତ ତିଆରି ମିନିଏଚର୍ ପିସ୍ ରହିଛି। ଯେଉଁଥିରେ ହାତ ତିଆରି ପୋର୍ଟ୍ରେଟ୍, ସୁନାର ଚାଣ୍ଡେଲିଆର୍ ଓ ପୃଥିବୀର ସବୁଠୁ ଛୋଟ ବାଇବେଲ୍ ଅନ୍ୟତମ। ଏହାର ନାମକରଣ ଆଲଫ୍ରେଡ୍ ଟାନିସନ୍‌ଙ୍କ 'ଲେଡି ଅଫ ଶାଲୋଟ୍' କବିତାରେ ଥିବା କାଳ୍ପନିକ କ୍ୟାସେଲ୍ 'ଆଷ୍ଟୋଲାଟ୍'ରୁ ଅନୁପ୍ରାଣିତ ହୋଇ କରାଯାଇଛି।

# ଲାମାର ହାଇ ଜମ୍ପରେ ରେକର୍ଡ

ନଅ ବର୍ଷର ଲାମା କାସ୍କା ପାଇଁ ତା'ର ମାଲିକାଣୀ ସ୍ୟୁ ୱିଲିୟମ ବେଶ୍ ଗର୍ବିତ। କାରଣ କାସ୍କା ହାଇ ଜମ୍ପରେ କରିଛି ରେକର୍ଡ। ୩ ଫୁଟ ୮.୫ ଇଞ୍ଚ ଉଚ୍ଚତାରେ ଥିବା ବାଡି ଉପରକୁ ସେ ନ ଛୁଇଁ ଡେଇଁ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅର୍ଥାତ୍ ବାର୍ ହାଇ ଜମ୍ପରେ ସେ ରେକର୍ଡ କରିବାରେ ସଫଳ ହୋଇଛି। ମାତ୍ର ଦୁଇ ବର୍ଷ ବୟସର ହୋଇଥିବାବେଳେ କାସ୍କା ଆସିଥିଲା ସ୍ୟୁଙ୍କ ଫାର୍ମକୁ। ଅନ୍ୟ ଲାମାଙ୍କ ଭଳି ସେ ବି ଥିଲା ଉଗ୍ର। ତା'ର ଥିଲା ଗୋଇଠା ମାରିବା ପ୍ରବୃତ୍ତି। ହେଲେ ପରବର୍ତ୍ତୀ ସମୟରେ ସ୍ୟୁ କାସ୍କା ଭିତରେ ଥିବା ପ୍ରତିଭାକୁ ଚିହ୍ନଟ କରିପାରିଥିଲେ। ଆଉ ତାକୁ ତାଲିମ୍ ଦେବା ଆରମ୍ଭ କଲେ। ଫଳରେ ସେ ହାଇ ଜମ୍ପ କରିବା ଶିଖିପାରିଲା। କେବଳ ସେତିକି ନୁହେଁ, ସେଥିରେ ସେ ରେକର୍ଡ ବି କଲା। ବର୍ତ୍ତମାନ ସ୍ୟୁ କହନ୍ତି, ମୁଁ ନିଜକୁ ଜଣେ ଲାମା ମା'ଭାବେ ଗର୍ବ ଅନୁଭବ କରୁଛି।





